ପୃଥିବୀର ଲୋକକଥା

୨୦



ମୂଲ୍ୟ-୧

ପୃଥିବୀର ଲୋକକଥା

(ଇହୁଦୀ ଲୋକକଥା)

(ପ୍ରଥମ ଭାଗ)

ଶ୍ରୀ ଲକ୍ଷ୍ମୀଧର ମହାନ୍ତ, ବି.ଏସ୍‌ସି., ଏଲ୍‌.ଏଲ୍‌.ବି
ଓ. ଏସ୍‌.ଜେ.ଏସ୍‌. (ଅବସରପ୍ରାପ୍ତ)

ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାନ୍ତ, ଏମ୍‌.ଏ., ବି.ଇଡ୍‌.

ନୀଳକଣ୍ଠେଶ୍ୱର ଶିକ୍ଷା ପ୍ରକଳ୍ପ

PRUTHIBIRA LOKAKATHA

(Ihudi Lokakatha)

Pratham Bhaga

ପୃଥିବୀର ଲୋକକଥା

(ଇହୁଦୀ ଲୋକକଥା)

ପ୍ରଥମ ଭାଗ

ପ୍ରକାଶକ :

ନୀଳକଣ୍ଠେଶ୍ୱର ଶିକ୍ଷା ପ୍ରକଳ୍ପ

ନଜ୍ରକବାଟି ରୋଡ଼, କଟକ-୧

ପ୍ରଥମ ପ୍ରକାଶ :

୧୪-୧୨-୧୯୯୦

ପ୍ରଚ୍ଛଦପଟ :

ଶ୍ରୀ ରବିନାରାୟଣ ନାୟକ

ମୁଦ୍ରାକର :

"ଲିପିକାର", ଝାଞ୍ଜିରୀ ମଙ୍ଗଳା, କଟକ-୯

ମୂଲ୍ୟ : ୫-୦୦

ବନ୍ଧାଇ ୯-୦୦

ସୂଚୀପତ୍ର



ବିଶ୍ୱାସ

ବାରବୁଲାଟିଏ । ଗୋଟିଏ ଗଧ ଧରି ସେ ଗାଁ ଗାଁ ବୁଲେ । ସେଇ ଗଧଟି ତା'ର ସାଥୀ, ସହଚର, ସମ୍ପତ୍ତି ଆଉ ସମ୍ବଳ । ତେଣୁ ତାକୁ ସେ ଖୁବ୍ ଭଲ ପାଏ । ତା ଆଖିରେ ଗଧ ଭଳି କେହିବି ଆଉ ଦେଖା-ଯାଆନ୍ତି ନାହିଁ ।

ଦିନେ ଗଧଟି ମରିଗଲା । ସେଇଦିନୁ ବାରବୁଲା ଏକା । ପ୍ରତି ମୁହୂର୍ତ୍ତରେ ସେ ଗଧର ଅଭାବ ଅନୁଭବ କରେ । ସେଥିପାଇଁ ସେ ବିଷର୍ଣ୍ଣ, ବିଷାଦଗ୍ରସ୍ତ ଓ ବ୍ୟଥିତ । କିନ୍ତୁ ସେ ତାର ବୁଲା ବନ୍ଦ କଲା ନାହିଁ । ବାଟରେ ଗୋଟିଏ ଗାଁ ପଡ଼ିଲା । ସେଠାକାର ଶେଠ୍ ବେଶ୍ ଧନୀ, ପରୋପକାରୀ ଓ ଦୟାଳୁ । ବାରବୁଲାର ଢଙ୍ଗଢାଙ୍ଗ ଦେଖି ତାଙ୍କର ଦୟାହେଲା । କ'ଣ ପାଇଁ ବାରବୁଲା ଏପରି ବ୍ୟସ୍ତ, ସେକଥା ସେ ପଚାରି ବୁଝିଲେ । ତାପରେ ବାରବୁଲାକୁ ସେ ଗଧଟିଏ ଦାନ କରିଦେଲେ । ଗଧଟି ଅଳ୍ପ ବୟସର । ଦେଖିବାକୁ ସୁନ୍ଦର, ହୃଷ୍ଟପୁଷ୍ଟ । ବାରବୁଲାର ନିର୍ଦ୍ଦେଶ ସବୁ ସେ ମାନେ । ବାଟରେ ତାକୁ କେବେ-ହେଲେ ହଇରାଣ କରେ ନାହିଁ, ବରଂ ବାରବୁଲାକୁ ସେ ସାହାଯ୍ୟ କରେ । ସେଥିପାଇଁ ବାରବୁଲା ତା ଉପରେ ନିର୍ଭରଶୀଳ । ସେ ଏ ଗଧଟିକୁ ଖୁବ୍ ସ୍ନେହ କରେ । ଆଖି ଆଢ଼ୁଆଳରୁ ତାକୁ କୁଆଡ଼େ ଛାଡ଼େ ନାହିଁ ।

ଦିନେ ବାରବୁଲା ଗଧଟିକୁ ଧରି ପାହାଡ଼ ଚଢ଼ୁଥିଲା । ଗଧର ଗୋଡ଼ ଖସିଗଲା, ଗଧଟି ନିଜକୁ ସମ୍ଭାଳି ପାରିଲା ନାହିଁ, ପାହାଡ଼ରୁ ଗଡ଼ି ଗଡ଼ି ଆସି ତଳେ ପଡ଼ିଗଲା । ମୁହୂର୍ତ୍ତକ ମଧ୍ୟରେ ତା'ର ପ୍ରାଣ

ଛୁଡ଼ିଗଲା । ଅଳ୍ପ କେତୋଟି ମୂହୂର୍ତ୍ତ ମଧ୍ୟରେ ଏଇ ଘଟଣା ସବୁ ଘଟିଗଲା—ତା ପୁଣି ବାରବୁଲା ଆଖି ଆଗରେ । ସେ କାଠ ପାଲଟି-ଗଲା । କ'ଣ କରିବାକୁ ହେବ, ତାକୁ ପଡିଲା ନାହିଁ; ବରଂ ଖାଲି ଜଳଜଳ କରି ସବୁ ଦେଖୁଥାଏ ।

କିଛି ସମୟ ପରେ ସେ ପ୍ରକୃତିସ୍ଥ ହେଲା, ତାପରେ ସେ ଟିକିଏ ବି ଆଉ ସେଠି ଠିଆ ହେଲା ନାହିଁ । ଗଧ ପାଖକୁ ଧାଇଁଲା । ତା ପାଖରେ ବସିପଡ଼ି ସେ ବହୁତ କାନ୍ଦିଲା ।

ଗଧଠାରେ ସେ ଋଣୀ । କୃତଜ୍ଞ । ସେ ଜାଣେ, ଗଧର ଋଣ ସେ ସୁଝିପାରିବ ନାହିଁ । ତେଣୁ ଗଧକୁ ସେଠି କବର ଦେବାପାଇଁ ସେ ଭାବିଲା । ଗଧକୁ ସେଠି ସେ କବର ଦେଲା । ସେଇ କବରର ଦୁଇପଟେ ଦୁଇଟି ବାଉଁଶପୋତିଲା । ଧଳା ଲୁଗାଟିଏ ଆଣିଲା । ସେଥିରେ "ଲମ୍ବାକାନଆ"ର କବର ବୋଲି ଲେଖିଲା । ତାପରେ ତାକୁ ଦୁଇଖୁଣ୍ଟରେ ବାନ୍ଧିଲା । ତାହା ଗୋଟିଏ ଫଳକ ପରି ଦେଖା-ଯାଉଥାଏ । ସେ ସାତଦିନ ସେଠାରେ ବସି ଶୋକପାଳିଲା ।

ସେ ସ୍ଥାନଟି ତାର ହେଲା ସ୍ମୃତିପୀଠ । ସେହି ମୁହୂର୍ତ୍ତରୁ ସେ ସେଇ କବର ଛାଡ଼ି ଆଉ କୁଆଡ଼େ ଗଲା ନାହିଁ । ମୁଣ୍ଡକୁ ପୋତି ମନ ଦୁଃଖରେ ସେଠି ସେ ବସିରହିଲା । ଦୁଃଖ ଭାରରେ ମୁଣ୍ଡ ତାର ନଇଁଯାଉଥାଏ ।

ସପ୍ତମ ଦିନ । ଏଠାରେ ବାରବୁଲାର ଶେଷଦିନ । କାଲି ତାକୁ ଏଠା ଛାଡ଼ି ଚାଲିଯିବାକୁ ହେବ । ଗଧଟି ତା'ର ତ ନାହିଁ । କିଏ ତାର ଜିନିଷ ସବୁ ବୋହିବ ? ନିଜ କାନ୍ଧରେ ଜିନିଷ ପକାଇ ଏଥର ଗାଁ ଗାଁ ସବୁ ବୁଲିବାକୁ ପଡ଼ିବ । ବୟସ ତା'ର ହୋଇଗଲାଣି ।ନିଜ ଜିନିଷ ବୋହିବା ତା ପକ୍ଷରେ ମୁସ୍କିଲ, କଷ୍ଟକର । କେତେ କଷ୍ଟ ସେ

ତାକୁ ହେବ, ତାର ସୀମା ନାହିଁ । ଏକଥା ଯେତିକି ଯେତିକି ସେ ଭାବିଲା, ତାର ଦୁଃଖ ସେତିକି ସେତିକି ବଢ଼ିଲା । ସେ ନିଜକୁ ସମ୍ଭାଳି ପାରିଲା ନାହିଁ । ସେ କହିଁ କହିଁ ହୋଇ କାନ୍ଦିଲା । ଆଖିରୁ ତାର ଧାର ଧାର ହୋଇ ଲୁହ ବୋହିଗଲା ।

ସେଇ ସମୟରେ ସେବାଟେ ଯାଉଥିବା ବାଟୋଇର ନଜର ତା ଉପରେ ପଡ଼ିଲା । ଖୁଣ୍ଟରେ ବନ୍ଧା ହୋଇଥିବା ଧଳାଲୁଗାକୁ ସେ ଦେଖିଲା । ମନରେ ତାର ଆସିଲା—ଏହା "ଲମ୍ବାକାନିଆ" ସନ୍ଥଙ୍କର କବର । ପାଖରେ ବସିଥିବା ଲୋକଟି ତାଙ୍କର ଶିଷ୍ୟ । ସନ୍ଥଙ୍କ ତିରୋଧାନ ତାକୁ ବେଶ୍ ବାଧୁଛି ।

ମନରେ ଏ ଭାବନା ଆସିବାରୁ ସେ ଭକ୍ତିରେ ଗଦ୍ ଗଦ୍ ହୋଇଗଲା । କବର ପାଖକୁ ଗଲା । ମୁଣ୍ଡି ଆଟିଏ ମାରିଲା । ତା ପକେଟରୁ ଗୋଟିଏ ମୁଦ୍ରା କାଢ଼ି ବାରବୁଲା ହାତରେ ଗୁଞ୍ଜି ଦେଲା । ତା ବାଟରେ ସେ ଗଲା । ତାପରେ ବହୁ ବାଟୋଇ ସେଇ ବାଟରେ ଆସିଲେ । ପ୍ରଥମ ବାଟୋଇଟି ଯାହା କରିଥିଲା, ସେମାନେ ବି ସେଇଆ କଲେ । ଦିନକୁ ଦିନ ଦାନର ମାତ୍ରା ବଢ଼ିଲା । ଏଣିକି ବାରବୁଲା ଆଉ କୁଆଡ଼େ ଗଲା ନାହିଁ । ସେଇଠି ବସିରହିଲା । ସେଠୁ ଯାହା ମିଳୁଥିଲା, ତାହା ତା' ଚଳିବା ପାଇଁ ଯଥେଷ୍ଟ ।

କ୍ରମେ କ୍ରମେ କଥାଟା ଚାରିଆଡ଼େ ବ୍ୟାପିଗଲା । ଲୋକେ କୁହାକୁହି ହେଲେ—ଏହା ଏକ ସନ୍ଥଙ୍କର କବର । ଏଠି ମନାସିଲେ, ମନସ୍କାମ ପୂର୍ଣ୍ଣ ହୁଏ । ଲୋକେ ତ ଧର୍ମଭୀରୁ, କଥାଟା ଶୁଣିବା ପରେ ସେମାନେ ଭୟରେ ଭକ୍ତି କଲେ । ମାନସିକ କରିବା ବି ଛାଡ଼ିଲେ ନାହିଁ ।

କାକତାଳ ନ୍ୟାୟରୁ ବା ଆଶୀର୍ବାଦରୁ ହେଉ କେତେକଙ୍କର ମନସ୍କାମନା ପୂର୍ଣ୍ଣ ହେଲା । ଲୋକଙ୍କର ବିଶ୍ୱାସ ବଢ଼ିଲା । ଏହା ଆଉ

ସାଧାରଣ କବର ହୋଇ ରହିଲା ନାହିଁ । ଏକ ପ୍ରଖ୍ୟାତ ଧର୍ମାନୁଷ୍ଠାନ ପାଲଟିଗଲା ।

ବହୁ ସାଧୁ ସନ୍ଥ ଏ କବର ଦର୍ଶନ କରିବାକୁ ଆସିଲେ । ସେମାନଙ୍କର ଲକ୍ଷ୍ୟ ମୋକ୍ଷ । ଧନ, ଦରିଦ୍ର, ଅସହାୟ, ହତଭାଗ୍ୟ, ନିଷ୍ପେଷିତ, ନିର୍ଯ୍ୟାତିତ, ଆଶା ଓ ଆକାଂକ୍ଷାରେ ପରିଜିତ ଓ ଦୁରାରୋଗ୍ୟ ରୋଗରେ ଆକ୍ରାନ୍ତ ଲୋକ ଏଠାରେ ଧାଡ଼ି ଲଗାଇଲେ । ସେମାନଙ୍କର ଅବସ୍ଥାର ପରିବର୍ତ୍ତନ ପାଇଁ ସେମାନେ ଏଠି ରୁଣ୍ଡ ହେଲେ ।

ଧନୀ ଲୋକମାନେ ଆସି ଜୁଟିଲେଣି । ତାଙ୍କର ଦାନର ସୀମା ନାହିଁ । କିଏ ସୁନା, ରୁପା, ନଗଦ ଟଙ୍କା ପ୍ରଭୃତି ଅସ୍ଥାବର ସମ୍ପତ୍ତି ଦାନକଲା ତ କିଏ ଜମିବାଡ଼ି, ଘରବଗିଚା, ପୋଖରୀ ପ୍ରଭୃତି ସ୍ଥାବର ସମ୍ପତ୍ତି ଦାନକଲା । କେହି କେହି ମେଣ୍ଢା, ଛେଳି, ଗାଈ ପ୍ରଭୃତି ଗୃହପାଳିତ ପଶୁ ମଧ୍ୟ ଭେଟି ଦେଲେ । ପଇସା ଆସିବାରୁ କବର ତିଆରି ହେଲା । ଫଳରେ ସେଠି ଗଢ଼ିଉଠିଲା ଏକ ବିରାଟ କବର । ପାଖରେ ଗମ୍ବୁଜ । ଖୁବ୍ ବଡ଼ । ଖୁବ୍ ଉଚ୍ଚ ଆକାଶ ଛୁଇଁଲା ପରି । କବର ଆଗରେ ସବୁବେଳେ ଗହଳି । ଶାନ୍ତି ଓ ମୋକ୍ଷ ପାଇଁ ଲୋକେ ଏଠି ଘରଦ୍ୱାର କରି ରହିଲେଣି । ଯାତ୍ରୀଙ୍କ ଭିଡ଼ ଯୋଗୁ ଦୋକାନ ବଜାର ଖୋଲାହେଲା । ଏଇନେ ଏହା ଏକ ଶ୍ରେଷ୍ଠ ସହର ।

ଭୁଣ୍ଡି ବାଇଦ ସହସ୍ର କୋଶ । ଚାରିଆଡ଼େ ଚାଲିଲା ପୁଣ୍ୟ କବରର ଗୁଣ କୀର୍ତ୍ତନ । ଏଠାରେ ମନସ୍କାମନା ପୂର୍ଣ୍ଣହୁଏ । ଦୁରା-ରୋଗ୍ୟ ରୋଗୀ ଆରୋଗ୍ୟ ଲାଭ କରନ୍ତି । ଆଶ୍ରା କଲେ ସବୁ ପ୍ରକାର ଦୁଃଖ, କଷ୍ଟ ଓ ବେଦନା ଦୂରହୁଏ । ସନ୍ଥଙ୍କର କବର ପାଖରେ ତାଙ୍କର ଶିଷ୍ୟ ବସିଥାଆନ୍ତି । ସେ ନମ୍ରସରଳ । ସରଳ । ନିର୍ଲୋଭୀ ।

ସ୍ନେହୀ । ପର ଦୁଃଖ କାତର । ନ୍ୟାୟପରାୟଣ । ତାଙ୍କର ଆଶୀର୍ବାଦ ମିଳିଲେ ସବୁ ଦୁଃଖ ଦୂର ହୋଇଯାଏ ।

ଏ ଖବର ଗଧଦାତା ଶେଖ୍‌ଙ୍କ କାନରେ ପଡ଼ିଲା । ସେ ବି ଏ ସନ୍ଥଙ୍କ କବର ପୀଠରେ ପ୍ରାର୍ଥନା କରିବାକୁ ଆଗ୍ରହୀ । ତେଣୁ ସଦଳବଳେ ଏଠାକୁ ଆସିଲେ । ପୂଜା ଅର୍ଚ୍ଚନା ଯେପରି ହେବାର କଥା ସେ ସବୁ ହେଲା । କବରପୀଠରେ ହଠାତ୍ ସେ ବାରବୁଲକୁ ଦେଖି ଆଶ୍ଚର୍ଯ୍ୟ, ବିସ୍ମିତ ଓ ଅବାକ୍ ।

ଯାହାହେଉ, ବାରବୁଲ ଏବେ ଅଭାବରେ ଅଛି । ତେଣୁ ସେ ଖୁସି । ବାରବୁଲ ମଧ୍ୟ ତାଙ୍କୁ ଦେଖି ଆନନ୍ଦିତ । ଶେଖ୍ ପଦାକୁ ଆସିଲେ ପଛେ ପଛେ ବାରବୁଲ । ସେ ତାକୁ ତା'ର କୁଶଳ ପଚାରିଲେ କିଛିସମୟ କଥାବାର୍ତ୍ତା ଚାଲିଲା । ତା ପରେ ଶେଖ୍ ପଚାରିଲେ— "ଯେଉଁ ସନ୍ଥଙ୍କୁ ସେଠି କବର ଦିଆଯାଇଛି, ତାଙ୍କ ନାଁ କ'ଣ ?"

ପ୍ରଶ୍ନଟି ଶୁଣି ବାରବୁଲର ମୁହଁ ଶେତା ପଡ଼ିଗଲା । ପାଟି ଖନି ମାରିଗଲା । ସେ ବହୁ କଷ୍ଟରେ ଅଟକି ଅଟକି କହିଲା— "ମୁଁ......ମୁଁ......ମୁଁ......ସତ କହୁଛି, ଏହା କୌଣସି ସନ୍ଥଙ୍କର କବର ନୁହେଁ, ମତେ ଆପଣ ଯେଉଁ ଗଧଟି ଦାନ କରିଥିଲେ, ଇଏ ତାଆରି କବର ।"

ବାରବୁଲର କଥା ଶୁଣି ଓ ତାର ଅବସ୍ଥା ଦେଖି ଶେଖ୍ ଜଣକ ହୋ ହୋ ହୋଇ ହୋଇ ହସି ଉଠିଲେ । ତାକୁ ସେ ପଚାରିଲେ—"ଆମ ଗାଁରେ ଯେଉଁ ବଡ଼ କବରଟି ଅଛି, ଦେଖିଛ ।"

ବାରବୁଲ ମୁଣ୍ଡ ହଲାଇ ସମ୍ମତି ଜଣାଇଲା । ତାପରେ ମୁଖିଆ-ଜଣକ ବାରବୁଲକୁ ସାନ୍ତ୍ୱନା ଦେବା ଛଳରେ କହିଲେ—"ସେଇଟା ଆଉ ଗୋଟିଏ ଗଧର କବର । ସେ ଗଧ ଏ ଗଧର ମା ।"

(ସବୁ ଧର୍ମାନୁଷ୍ଠାନ ବିଶ୍ୱାସର ପ୍ରତୀକ । ମୂଳଭିତ୍ତି ଘାଣ୍ଟି ଲାଭ-ନାହିଁ ।)

ପ୍ରଲୋଭନ

ଆଗେ ପୋଲାଣ୍ଡରେ ବହୁତ ଇହୁଦୀ ରହୁଥିଲେ । ସେଠାରେ ବହୁତ ଧର୍ମାନୁଷ୍ଠାନ ଇହୁଦୀମାନଙ୍କର ଥିଲା । ଧର୍ମ ଓ ମୋକ୍ଷ ପାଇଁ ସେଠି ଆଲୋଚନା ହୁଏ । ସେଥିରୁ ଗୋଟିଏ ଅନୁଷ୍ଠାନର ଦୁଇଟି ଛାତ୍ର ଥିଲେ । ସେମାନେ ମୋକ୍ଷଲାଭ ପାଇଁ ବହୁତ ଆଶାୟୀ ।

ଇସ୍ରାଏଲ ଇହୁଦୀମାନଙ୍କର ପୂର୍ବପୁରୁଷମାନଙ୍କର ବାସସ୍ଥାନ । ତାଙ୍କ ଧର୍ମ ଅନୁସାରେ ଏହା ଏକ ପବିତ୍ର ଓ ପୁଣ୍ୟଭୂମି । ସେଠାରେ 'ରାଜା ଡେଭିଡ଼୍'ଙ୍କର କବର ଅଛି । ତାକୁ ଦର୍ଶନ କଲେ, ସବୁ ପାପ କ୍ଷୟ ହୋଇଯାଏ । ମୋକ୍ଷ ଅନିବାର୍ଯ୍ୟ । ସେଥିପାଇଁ ଛାତ୍ର ଦୁଇଟିଙ୍କର ଇସ୍ରାଏଲ ଯିବାକୁ ପ୍ରବଳ ଇଚ୍ଛା । କିନ୍ତୁ ସେମାନେ ଖୁବ୍ ଗରିବ । ସେଠାକୁ ଯିବାପାଇଁ ବହୁତ ପଇସା ଦରକାର । ସେ ପଇସା ଯୋଗାଡ଼ କରିବା ତାଙ୍କ ପକ୍ଷେ ଅସମ୍ଭବ । ଏସବୁ ସତ୍ତ୍ୱେ ସେମାନେ ଇସ୍ରାଏଲ୍ ଯିବାର ଆଶା ଛାଡ଼ିଲେ ନାହିଁ । ସବୁବେଳେ ସେମାନଙ୍କର ଗୋଟିଏ ଚିନ୍ତା, ଅନ୍ୟ କୌଣସି କଥା ସେମାନଙ୍କର ମୁଣ୍ଡରେ ପଶେ ନାହିଁ ।

କୌଣସି ବିଷୟରେ ଗଭୀର ଭାବରେ ଚିନ୍ତାକଲେ ସେଇ କାମ କରିବାକୁ ସାହାସ ଆପେ ଆପେ ଆସିଯାଏ । ଏଥର ସେମାନେ, ଆଉ କିଛି ନଭାବି ନଚିନ୍ତି ଇସ୍ରାଏଲ୍ ବାହାରି ପଡ଼ିଲେ । ହାତରେ ତାଙ୍କର ଗୋଟିଏ ଗୋଟିଏ ବାଡ଼ି । ପିଠିରେ ଗୋଟିଏ ଲେଖାଏଁ ନ୍ୟାପ୍‌ସାକ୍ । (ସୈନ୍ୟମାନେ ପିଠିରେ ପକାଇବା ବ୍ୟାଗ)

ବାଟ ଥିଲା ତାଙ୍କର ଅସୁବିଧାଜନକ । ବହୁ ବିପଦପୂର୍ଣ୍ଣ । ନାନାଦି ବିଘ୍ନ ମଧ୍ୟ ଜୁଟିଲା । ସେମାନଙ୍କର ସହାୟ ନିଜେ ଈଶ୍ୱର, ତାଙ୍କଠାରେ ଅଟଳବିଶ୍ୱାସ ରଖି ସେମାନେ ଆଗେଇଲେ । ବାଧା, ବିପଦ ଓ ବିଘ୍ନ ଆସିଲା ସତ; କିନ୍ତୁ ଖସିଗଲା । କ୍ଷତି କିଛି, କରିପାରିଲା ନାହିଁ । ସେମାନେ ଜେରୁଜେଲମ୍‌ରେ ସୁବିଧାରେ ପହଞ୍ଚିଗଲେ ।

ଲକ୍ଷ୍ୟ ସେମାନଙ୍କର ପୂରଣ ହୋଇଗଲା । ସେଥିପାଇଁ ସେମାନେ ଆନନ୍ଦରେ ଅଧୀର । ଦେହରେ ତାଙ୍କର ଅପୂର୍ବ ପୁଲକ । ସେମାନଙ୍କର ଲୋମ ଟାଙ୍କୁରିଉଠିଲା । ଯେତେବେଳେ ସେମାନେ ଜାଣିଲେ ଯେ, ମାଉଣ୍ଟଜିଅନ୍ କାନ୍ଥ ପାଖରେ ସେମାନେ ପହଞ୍ଚି ଯାଇ-ଛନ୍ତି, ତାଙ୍କର ଆନନ୍ଦ ଦ୍ୱିଗୁଣିତ ହୋଇଗଲା । ପ୍ରଭୁଙ୍କର କରୁଣା ଓ ଆଶୀର୍ବାଦ ପାଇଁ ସେମାନେ ତାଙ୍କୁ ଅଶେଷ ଧନ୍ୟବାଦ ଦେଲେ ।

'ରାଜା ଡେଭିଡ୍'ଙ୍କର କବର ଦେଖିବାକୁ ସେମାନେ ଉତ୍ସୁକ । କିନ୍ତୁ ତାହା କେଉଁଠି ? କେଉଁବାଟେ ଗଲେ ସେଠି ପହଞ୍ଚିପାରିବେ ? ସେ ସବୁ ତାଙ୍କୁ ଜଣାନଥିଲା । ବାଟ ଦେଖାଇବାକୁ ଲୋକଟିଏ ବି ପାଇଲେ ନାହିଁ । ସେଇଠି ସେମାନେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ସେମାନେ କାକୁତି ମିନତି କରି କହୁଥିଲେ—"ହେ ଦୟାମୟ ଈଶ୍ୱର ! ଆମ ପ୍ରତି ଆପଣଙ୍କର ଅଶେଷ କରୁଣା । ଦୟା ଅସୀମ । ଆପଣଙ୍କ କୃପାରୁ ଆମେ ଜେରୁଜେଲମ୍ ଆସିଛୁ । ଆମ ପ୍ରତି ସଦୟ ହୁଅନ୍ତୁ । ଦୟା କରନ୍ତୁ । ଡେଭିଡ୍‌ଙ୍କ କବର ଦେଖିବା ପାଇଁ ସୁଯୋଗ ଦିଅନ୍ତୁ ।"

ପ୍ରାର୍ଥନା ସରିଲାବେଳକୁ ସେମାନେ ଦେଖିଲେ ଧର୍ମପୁରୁଷ ଇଲ-ଯାହ ତାଙ୍କ ଆଗରେ ଠିଆହୋଇଛନ୍ତି । ତାଙ୍କୁ ଦେଖି ଯୁବ ଦୁଇଜଣ

ଆଶ୍ଚର୍ଯ୍ୟ । ସେମାନେ ତାଙ୍କୁ ନମସ୍କାର କଲେ । ଇଲିସାହ 'ରଜା ତେଭଡ୍'ଙ୍କର କବରକୁ ଦେଖାଇ ଦେଇ କହିଲେ—"ସନ୍ତାନଗଣ ! ଏଇଦେଖ ବାଟ ପଡ଼ିଛି । ତୁମେ ଏଇ ବାଟେ ଚାଲିଯିବ । 'ରଜା ତେଭଡ୍'ଙ୍କର ସମାଧି ପାଖେ ପହଞ୍ଚିବ । ତା ଭିତରକୁ ସିଧା ପଶିଯିବ । ସେଠି ଦେଖିବ ତଳକୁ ପାହାଚ ପଡ଼ିଛି । ସେଇ ପାହାଚ ଦେଇ ତଳକୁ ଓହ୍ଲେଇଯିବ । ବାଟରେ ସୁନା, ରୁପା, ହୀରସବୁ ଜମାହୋଇଥିବାର ଦେଖିବ । ତା'ଛଡ଼ା ଆହୁରି ଅନେକ ଲୋଭନୀୟ ଜିନିଷ ମଧ୍ୟ ତମ ନଜରକୁ ଆସିବ । ସେ ସବୁ ପ୍ରଲୋଭନ ।

ପ୍ରଲୋଭନ ସବୁବେଳେ ମନକୁ ଚହଲେଇ ଦିଏ, ଭୁଲ୍‌ବାଟରେ ନେଇଯାଏ । ସେଥିପାଇଁ ବିଚଳିତ ହେବ ନାହିଁ । ମନକୁ ସଂଯତ ଓ ଦୃଢ଼ କରିବ । ଈଶ୍ୱରଙ୍କ ଉପରୁ ଆସ୍ଥା ହରାଇବ ନାହିଁ । ତାଙ୍କୁ ପ୍ରତି ମୂହୂର୍ତ୍ତରେ ଡାକୁଥିବ । ନିଃସଙ୍କୋଚରେ ଆଗକୁ ଚାଲିବ । ଶେଷରେ ଯେଉଁଠି ପାହାଚ ସରିଯାଇଛି, ସେଠି ପହଞ୍ଚିଯିବ । ତୁମେମାନେ ସେଠି ଦେଖିବ, ରଜା ତେଭଡ୍ ସୁପ୍ତ । ହାତ ତାଙ୍କର ପ୍ରସାରିତ । ମୁଣ୍ଡ ପାଖରେ ଏକ ଜଳପୂର୍ଣ୍ଣ କଳସୀ । ତୁମେ କଳସୀ ଉଠାଇ 'ରଜା ତେଭଡ୍'ଙ୍କ ପ୍ରସାରିତ ହାତରେ ପାଣି ଢାଳିବ ।

ରଜା ତେଭଡ୍ ପ୍ରକୃତରେ ମୃତ ନୁହନ୍ତି । ସେ ଜୀବିତ । ଶୋଇ-କରି ସ୍ୱପ୍ନ ଦେଖୁଛନ୍ତି । ତାଙ୍କ ହାତରେ ପାଣି ପଡ଼ିଲେ ତମେ ଜାଣିବ ଯେ, ତମେ ତାଙ୍କ ଦର୍ଶନ ପାଇବାପାଇଁ ଉପଯୁକ୍ତ, ସେ ଉଠିବେ । ତୁମ୍ଭମାନଙ୍କର ନିଷ୍ଠା, ଶ୍ରମ, ଶ୍ରଦ୍ଧା ଏ ଆକାଂକ୍ଷା ପାଇଁ ତମମାନଙ୍କୁ ସେ ଆଶୀର୍ବାଦ ଦେବେ । ଫଳରେ ତୁମ୍ଭମାନଙ୍କର ମୋକ୍ଷ ପ୍ରାପ୍ତି ହୋଇଯିବ । ଈଶ୍ୱର କରନ୍ତୁ ଏହାହିଁ ହେଉ ।"

କଥାଟି ସରିଲା ବେଳକୁ ଇଲିଯାହ ଅଦୃଶ୍ୟ ହୋଇଗଲେ । ଇଲିଯାହଙ୍କ କଥା ମାନି ସେମାନେ ସମାଧି ଭିତରେ ପଶି ପାହାଚ ପରେ ପାହାଚ ଓହ୍ଲାଇ ତଳକୁ ଗଲେ । କବରର ନିମ୍ନ ଦେଶରେ ପହଞ୍ଚ ସେମାନେ ଦେଖିଲେ—ଇଲିଯାହ ଯେପରି କହିଥିଲେ, ଯତକୁ ସତ ସେଇପରି ଭାବରେ ରାଜା ଡେଭିଡ୍ ଶୋଇଛନ୍ତି । ହାତ ତାଙ୍କର ଲମ୍ବି ଆସିଛି । ମୁଣ୍ଡ ପାଖରେ ପାଣି ମାଠିଆ । କିନ୍ତୁ ସେମାନଙ୍କର ମନ ଅସ୍ଥିର । ବାଟରେ ଜମା ହୋଇଥିବା ସୁନା, ରୁପା ଓ ହୀରାକୁ ଦେଖି ସେମାନଙ୍କର ଖୁବ୍ ଲୋଭ ହେଲା । କିପରି ସେସବୁ ନେବେ, ଏଇ ଚିନ୍ତାରେ ସେମାନେ ବ୍ୟସ୍ତ । ଅନ୍ୟକଥା ତାଙ୍କ ମୁଣ୍ଡରେ ପଶୁନଥାଏ ।

ରାଜା ଡେଭିଡ଼ଙ୍କର ମୁଣ୍ଡ ପାଖରେ ଥୁଆ ହୋଇଥିବା ମାଠିଆରୁ ପାଣି ତାଙ୍କ ହାତରେ ସେ ଢାଳିବାକୁ ପଡ଼ିବ, ସେ କଥା ସେମାନେ ପୁରାପୂରି ଭୁଲିଗଲେ । ତାଙ୍କର ଏ ଢଙ୍ଗ ଦେଖି ରାଜା ଡେଭିଡ଼ ଅସନ୍ତୁଷ୍ଟ, ବିରକ୍ତ । ପ୍ରସାରିତ ହାତ ତାଙ୍କର ଆସ୍ତେ ଆସ୍ତେ ସଙ୍କୁଚିତ ହୋଇଗଲା । ରାଜା ଡେଭିଡ଼ ଅଦୃଶ୍ୟ ହୋଇଗଲେ ।

ଏହା ଦେଖି ଯୁବକଦ୍ୱୟଙ୍କର ଚେତା ପଶିଲା । ସେମାନେ ଚମକି ପଡ଼ିଲେ । ତାଙ୍କୁ ଲୋଭ ଗ୍ରାସ କରିଛି । ତେଣୁ ମୋକ୍ଷ ଦୂରେଇ ଗଲା । ସେମାନେ ତାଙ୍କର ଭ୍ରମ ବୁଝିପାରିଲେ । ଖୁବ୍ ଦୁଃଖ କଲେ, ନିଜର ଦୋଷପାଇଁ ବହୁତ କାନ୍ଦିଲେ । ସାମାନ୍ୟ ତ୍ରୁଟିପାଇଁ ହାତରେ ଥିବା ମୋକ୍ଷ ଆଙ୍ଗୁଠି ସନ୍ଧରେ ଖସିଗଲା ।

ସେଇଠି ସେମାନେ ନତଜାନୁ ହୋଇ ପ୍ରାର୍ଥନା କଲେ—"ହେ ଈଶ୍ୱର ! ଆମେ ଅଧମ । ଆମେ ଅଜ୍ଞାନ, ଦୋଷୀ । ଆମର ଦୋଷ

କ୍ଷମା କର । ଆମକୁ ଶକ୍ତି ଦିଅ । ମନକୁ ଦୃଢ଼ କରିଅ । ଆମକୁ ଆଉଥରେ ସୁଯୋଗ ଦିଅ । ଶୁଭ ମୁହୂର୍ତ୍ତ ଆଉଥରେ ଆସୁ । ସେତେବେଳେ ମନ ପ୍ରଲୋଭିତ ନ ହେଉ । ଆମକୁ ମୋକ୍ଷ ମିଳିଯାଉ ।”

(ପ୍ରଲୋଭନ ସବୁ ଦୁଃଖର ମୂଳ କାରଣ)

ଦାନୀ

ଏକଦା ଜଣେ ଇହୁଦୀ ଥିଲା । ସେ ଖୁବ୍ ଧନୀ । କିନ୍ତୁ ଘୋର କୃପଣ । ଦାନ ଧର୍ମର ନାଁ ଧରେ ନାହିଁ । ଦୁଃଖୀ ଭିକାରୀଙ୍କୁ ଦେଖିଲେ ଚିଡ଼େ । ସେମାନଙ୍କୁ ତା ଦୁଆର ମନା । ଯଦି ଅକାଳେ ସକାଳେ କିଏ ଗଡ଼ପଡ଼େ, ତା’ହେଲେ ସେ ଖୁବ୍ ଲଜ୍ଜିତ ହୁଏ । ଏପରି ଲଜ୍ଜିତ ସେ ହୁଏ ଯେ, ଆଉ କେବେହେଲେ ସେଠାକୁ ଯିବାକୁ ସାହସ କରେ ନାହିଁ ।

ସାରା ସହରର ଲୋକ ତା ଉପରେ ଅସନ୍ତୁଷ୍ଟ । ତା ନାଁ ଧରି-ବାକୁ ସେମାନେ ରାଜି ହୁଅନ୍ତି ନାହିଁ । ସେମାନଙ୍କର ଅନ୍ଧବିଶ୍ୱାସ ସେଦିନ ତା ନାଁ ଧରିବ, ଖାଇବାକୁ ମିଳିବ ନାହିଁ ।

ସେଇ ସହରରେ ଜଣେ ମୋଚି ରହେ । ସେ ଘୋର ଗରିବ । ଜୋତା ସିଲେଇ କରି ପେଟ ପୋଷେ । କିନ୍ତୁ ଲୋକଟାର ଦାନଧର୍ମରେ ବେଶ୍ ମନ । ତା’ ପାଖରେ ଯାହା ଥାଏ ଯିଏ ଆସି ମାଗେ ତାକୁ ସେ ଦେଇଦିଏ । କେହି କେବେ ତା ଦୁଆରୁ ଅସନ୍ତୁଷ୍ଟ ହୋଇଯିବା ଦେଖାଯାଇ ନାହିଁ ।

ହଠାତ୍ ଧମା ଲୋକଟି ମରିଗଲା । ରବ୍ବ (ଇହୁଦୀ ଧର୍ମଯାଜକ) ସବୁ ଇହୁଦୀମାନଙ୍କୁ ଡକାଇଲେ । ଧମାଲୋକର କବର ବିଷୟରେ ଆଲୋଚନା ହେଲା । ସାଧାରଣ ଲୋକଙ୍କ କଥା ଅତି ଅସହ୍ୟ । ରବ୍ବ କଥାଟାକୁ ସମ୍ମାନ ଦେଲେ । ତାଙ୍କର ହସ୍ତକ୍ଷେପ ଫଳରେ ସ୍ଥିର ହେଲା—ଧମାଲୋକର ଶବ ପଟୁଆରରେ କବରଖାନାକୁ ଯିବ ନାହିଁ । ତାକୁ କବରଖାନାର ବାଡ଼ ପାଖରେ କବର ଦିଆଯିବ । କୌଣସି ସମ୍ମାନ ମଧ୍ୟ ତାର ଶବକୁ ଦିଆଯିବ ନାହିଁ ।

ଯେପରି ସ୍ଥିର ହୋଇଥିଲା, ସେପରି ହେଲା । କିନ୍ତୁ ଦେଖାଗଲା ଯେ ଶବ ପଛେ ପଛେ ସହରର ସବୁଠାରୁ ଦାମୀ ଓ ଲୋକପ୍ରିୟ ମୋଚିଟି ଯାଉଛି । ଆଖିରୁ ତାର ଅବିରତ ଲୋତକଧାର ଛୁଟୁଥାଏ । ସମସ୍ତେ ଏ କଥା ଦେଖି ଅବାକ୍ । ଆଶ୍ଚର୍ଯ୍ୟ । କୌଣସି କାରଣ ସେମାନେ ଜାଣିପାରିଲେ ନାହିଁ ।

ଧମାଲୋକର ମୃତ୍ୟୁର କିଛିଦିନ ପରେ ଭିକାରୀମାନେ ମୋଚି ଦୁଆରୁ ଖାଲି ହାତରେ ଫେରିଲେ । ମୋଚିଟି ତାଙ୍କୁ ଦେଖି ଦୀର୍ଘ-ନିଃଶ୍ୱାସ ପକାଏ । ହାତଯୋଡ଼ି ବିନମ୍ର ଭାବରେ କହେ—"ମୁଁ ନିଃସ୍ୱ । ତମକୁ ଦେବାଭଳି ମୋ ପାଖରେ କିଛି ନାହିଁ । ମୋତେ କ୍ଷମାକର ।"

କେବଳ ଭିକାରୀମାନେ ନୁହନ୍ତି, ସେ ଅଞ୍ଚଳର ସବୁ ଲୋକ ମୋଚିର ଏ ଢଙ୍ଗ ଦେଖି ଅବାକ୍ ।

କଥାଟା ରବ୍ବଙ୍କ କାନକୁ ଗଲା । ସେ ମୋଚିକୁ ଡକାଇ ପଠା-ଇଲେ । ତା'ଭଳି ଲୋକ କିପରି ଭିକ୍ଷାଦେବା ବନ୍ଦ କରିଦେଉଛି, ସେ ବିଷୟରେ ରବ୍ବ ପଚାରିଲେ । ମୋଚିଟି କହିଲା—"ମୁଁ ଜନ୍ମରୁ ଦରିଦ୍ର । ମୋଚି କାମ କରି ପେଟ ପୋଷେ । ଯେଉଁ ଧମା ଇହୁଦୀଟି

ମରିଗଲେ, ସେ ଦିନେ ମୋ ପାଖକୁ ଆସିଥିଲେ । ସାଥିରେ ସେ ବହୁ ଧନରତ୍ନ ଆଣିଥିଲେ । ସେତକ ମତେ ଦେଇ କହିଲେ—ଏ ଧନରତ୍ନ ସବୁ ରଖ । ତମକୁ ଏ ସମସ୍ତ ଭିକାରୀମାନଙ୍କୁ ଦାନ କରିବାକୁ ହେବ, ଖାଲି ହାତରେ କାହାକୁ ଫେରାଇବ ନାହିଁ । ଏତକ ସରିଗଲେ ମୋ ପାଖକୁ ଆସିବ । ଯେତେ ଯାହା ଦରକାର ନେଇ ଆସିବ । କିନ୍ତୁ ଗୋଟିଏ ସର୍ତ୍ତ । ମୁଁ ନମରିବା ପର୍ଯ୍ୟନ୍ତ ଏକଥା ବାହାରେ ପ୍ରକାଶ କରିବ ନାହିଁ ।"

ମୁଁ ସେଇଦିନୁ ତାଙ୍କ କଥା ମାନିଆସିଛି । ତାଙ୍କ ଧନକୁ ମୁଁ ଦାନ କରେ । ପଇସା ସରିଗଲେ, ମୁଁ ପୁଣି ଯାଏ । ଯାହା ଦରକାର, ତା ନେଇଆସେ । କେବେବି ହେଲେ ମୋର ଖୁବିଦାକୁ ସେ ପୂରଣ କରିବାକୁ କୁଣ୍ଠାବୋଧ କରିନାହାନ୍ତି । ସେ ଆଜି ମୃତ । ମୋ ପାଖରେ ଯାହା ଥିଲା ସରିଗଲା । ମୁଁ ତ ନିଃସ୍ୱ । ଭିକାରୀମାନଙ୍କ କ୍ଷୁଧା ପୂରଣ କରିବାକୁ ମୁଁ ଏକଦମ୍ ଅକ୍ଷମ । ସେଇକଥା ମଧ୍ୟ ସେମାନଙ୍କ ଆଗରେ ପ୍ରକାଶ କରୁଛି ।

ରାବ୍ବି ମନଧ୍ୟାନ ଦେଇ ମୋର କଥା ଶୁଣୁଥିଲେ । ସେ ଜାଣିଲେ—ଧନୀଲୋକଟି ମହାନ୍ । ଗରିବଙ୍କୁ ସେ ସାହାଯ୍ୟ କରିବାକୁ ଲାଳାୟିତ—ଅଥଚ ତାର ପ୍ରଚାର ନ ହେବା ପାଇଁ ସେ ସଚେତନ । ଏହା ଦେବଦୁର୍ଲଭ ଗୁଣ । ତେଣୁ ସେ ନମସ୍ୟ ।

ରାବ୍ବି ସବୁ ଇହୁଦୀମାନଙ୍କୁ ଡକେଇଲେ । ସମସ୍ତ କଥା ସେମାନଙ୍କ ଆଗରେ ପ୍ରକାଶ କଲେ । ସବୁ ଇହୁଦୀମାନେ ମୃତ ଧନୀ ଲୋକକୁ ଧନ୍ୟ ଧନ୍ୟ କଲେ ।

ସେମାନେ ଏକଜୁଟ ହୋଇ ଧନୀଲୋକର କବର ପାଖକୁ ଗଲେ । ସେଠି ସମସ୍ତେ ନତଜାନୁ ହୋଇ ପ୍ରାର୍ଥନା କଲେ—"ହେ ମହାପୁରୁଷ !

ଆପଣ ମହାନ୍ । ଆପଣଙ୍କର ଦୟା ଅସୀମ । ଅତୁଳନୀୟ । ଆମେ ଅଜ୍ଞାତରେ ଆପଣଙ୍କ ପ୍ରତି ଅନ୍ୟାୟ କରିଛୁ । ଆମେ ଦୋଷୀ । ଆମକୁ କ୍ଷମା କରନ୍ତୁ ।"

ସେଇଦିନୁ ଧର୍ମାଲୋକର କବର ଆଉ ପରିତ୍ୟକ୍ତ ହୋଇ ରହିଲା ନାହିଁ । ସେଠି ଲୋକମାନେ ଜୁଟିଲେ । ଫୁଲଗୁଚ୍ଛ ବି ଦେଲେ ।

ସବ୍‌ଡଙ୍କର ସେଇ ଧର୍ମପୁରୁଷଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଥିଲା । ସେଥିପାଇଁ ମରିବା ପୂର୍ବରୁ ସେ ତାଙ୍କ ଉଇଲ୍‌ରେ ଉଲ୍ଲେଖ କରିଗଲେ —"କବରଖାନାର ବାଡ଼ପାଖରେ ଥିବା ଧର୍ମାଲୋକର କବର ପାଖରେ ମୋତେ କବର ଦେବ ।"

ଆଶ୍ଚର୍ଯ୍ୟ ଉପହାର

ବହୁତ ଦିନ ତଳେ ଗାଲିଲର ସେକନ୍‌ରେ କେବଳ ଇହୁଦୀ-ମାନେ ରହୁଥିଲେ । ତା ଭିତରୁ ଜଣଙ୍କର ନାଁ ଜୋସେଫ । ସେ ଧାର୍ମିକ, ନ୍ୟାୟପରାୟଣ ଓ ଦୟାଳୁ । ପ୍ରତିଦିନ ଧର୍ମଶାସ୍ତ୍ର ପଢ଼େ । ନୀତିନିୟମ ପାଳେ । ଯାହା ନ କରିବା କଥା, ସେ କେବେହେଲେ କରେ ନାହିଁ । ସେ ତ ଜଣେ କୃଷୀ । ଗାଁର ଅନ୍ୟ କୃଷୀ ପରି ସେ ଓ ତାର ସ୍ତ୍ରୀ ବିଲରେ କାମ କରନ୍ତି । କୃଷି ଉପରେ ସେମାନେ ସମ୍ପୂର୍ଣ୍ଣ ନିର୍ଭରଶୀଳ ।,

ସେକନ୍‌ରେ ସେତେବେଳେ ଅଟ୍ଟାଳିକା ନଥିଲା । ସମସ୍ତେ ଗହମ ଚୂରାଇବାକୁ କାଣୀବର୍ଦ୍ଧ୍ୟାଦ ନଈକୂଳକୁ ଯାଉଥିଲେ ।

ଏଇ ନଈଟି ମେରନ ପର୍ବତମାଳାରୁ ବାହାରି ତୋସରହାଜଠାରେ ଭୂମଧ୍ୟସାଗରରେ ପଡ଼ିଛି । ସବୁବେଳେ ନଈରେ ଅକାତ କାତ ପାଣି । ତେଣୁ କଳ ଚଳାଇବା ପାଇଁ ଯଥେଷ୍ଟ ସୁବିଧା । ସେଥିପାଇଁ ସବୁ ଅଟାକଳଗୁଡ଼ିକ ଏଇ ନଈକୂଳରେ ।

ପ୍ରତିମାସରେ ଜୋସେଫ ସ୍ତ୍ରୀ ଗହମ ଧୋଇଧାଇ ସଫାକରି ଶୁଖାଏ । ସେଗୁଡ଼ିକ ଧରି କାଶୀବଓ୍ୟାଜ ନଈକୂଳକୁ ଜୋସେଫ ଯାଏ । ସେଠାରେ ଅଟା ଚୂରାଇ ଘରକୁ ଆଣେ ।

ଦିନକର କଥା । ସେଦିନ ଜୋସେଫ୍ ଅଟା ଚୂରାଇ ଘରକୁ ଫେରୁଥାଏ । ନଈକୂଳରେ ପାଣି ଧାରେ ଧାରେ ଆସିବାକୁ ଜୋସେଫକୁ ଭଲ ଲାଗେ । ସେଥିପାଇଁ ଗଧଟିକୁ ସେ ପାଣିର ଧାରେ ଧାରେ ଆଣୁଥାଏ । ମନ ତା'ର ସେତେବେଳେ ବେଶ୍ ହାଲୁକା । ସବୁ ପୁଅମାନେ ବାପର କିଛି ଗୁଣ ଆଣି ଥାଆନ୍ତି । ଜୋସେଫ୍ ତା'ର ବ୍ୟତିକ୍ରମ ନୁହଁ । ବାପା ତା'ର ଜଣେ ନାମଜାଦା ମୋଚି ଥିଲେ । ସେ ଜୋତାକାମ କଲାବେଳେ ମନ ତାଙ୍କର ହାଲ୍‌କା ଥାଏ । ସେ ଗୁଣୁ ଗୁଣୁ କରି ଗୀତ ଗାଆନ୍ତି । ଏବେ ବି ମନ ହାଲ୍‌କା ଥିଲେ ଜୋସେଫ୍ ଗୁଣୁ ଗୁଣୁ କରି ଗୀତ ଗାଏ ।

ସେଦିନ ସେ ଗୁଣୁ ଗୁଣୁ କରି ଗୀତ ଗାଉଥିଲାବେଳେ କେତେବେଳେ ସେ ଯେ ପାହାଡ଼ ପାଖ ଝରଣା ପାଖରେ ପହଞ୍ଚିଯାଇଛି, ତାକୁ ଜଣା ନାହିଁ । ହଠାତ୍ କଳକଳନାଦିନୀ ଝରଣାକୁ ଦେଖି ତା'ର ଖିଆଲ ଆସିଲା ।

ସେଟି ପ୍ରସିଦ୍ଧ ସନ୍ଥ ଆବାହୋଯ୍ୟାଙ୍କର କବର । ସେ ସ୍ଥାନଟି ବେଶ୍ ଶାନ୍ତ । ଆରାମଦାୟକ ଓ ମନୋମୁଗ୍ଧକର । ପରିବେଶଟି ବେଶ୍ ଭଲ । ସେ ଗଧପିଠିରୁ ଓହ୍ଲାଇପଡ଼ିଲା । ଯେତେବେଳେ ସେ

ଏବାଟେ ଯାଏ, ଏଠି ଟିକଏ ବିଶ୍ରାମ କରେ । ଏଇଟା ତା'ର ଅଭ୍ୟାସ । ଆଜ ବି ସେଇଆ କଲା । ଝରଣା ପାଖକୁ ଗଲା । ମୁନ୍ଦେ ପାଣି ପିଇଲା । ତାପରେ ଆସି କବର ପାଖରେ ନିଜକୁ ଲମ୍ବାଇ ଦେଲା ।

ପ୍ରଧାନ ରାସ୍ତା ସେଠୁ ବେଶି ଦୂର ନୁହଁ । ସେଠି ପହଞ୍ଚିଗଲେ, ଘରକୁ ଯିବାକୁ ତାକୁ ଆଉ କିଛି ଅସୁବିଧା ହେବ ନାହିଁ । ଅଳ୍ପ-ଟିକଏ ସମୟ ସେ ବିଶ୍ରାମ ନେଇ ପୁଣି ଉଠିଲା । ଗ ଧଦରେ ବସି ପ୍ରଧାନ ରାସ୍ତା ଆଡ଼କୁ ଗଲା ।

ମୁଣ୍ଡିଟି ତଳକୁ କରି ଜୋସେଫ୍ ଯାଉଥାଏ । ହଠାତ୍ ପାହାଡ଼ ତଳେ ହେଉଥିବା ପାଟି ତା କାନରେ ପଡ଼ିଲା । ସେ ମୁଣ୍ଡକୁ ଟେକି ଚାହିଁଲା । ଦେଖିଲା—କେତେକ ଲୋକ କିଛି ଦୂରରେ ଠିଆ ହୋଇ-ଛନ୍ତି । ସେମାନଙ୍କର ପୋଷାକ କଳା । ସେମାନେ ତାକୁ ଠାରିକରି ତାଙ୍କ ନିକଟକୁ ଆସିବାକୁ ଡାକୁଛନ୍ତି । ଜଣେ ଲୋକ ତା ପାଖକୁ ଆସୁଥିବାର ସେ ଦେଖିଲା । ସେ ଗଧକୁ ଆଉ ଆଗେଇ-ବାକୁ ଦେଲା ନାହିଁ । କିଛି ସମୟ ପରେ ଲୋକଟି ପାଖକୁ ଆସିଗଲା । ସେ ଜଣକ ଏକଦମ୍ ବୁଢ଼ା । ଦାଢ଼ି ଖୁବ୍ ଲମ୍ବା । ମୁଣ୍ଡର-ବାଳ ଓ ଦାଢ଼ି ଖୋଷ ପରି ଧଳା ।

ବୁଢ଼ାଟି କହିଲା—"ଆମେ ଏଠି ନ'ଜଣ ଇହୁଦୀ ଅଛୁ । ସମବେତ ପ୍ରାର୍ଥନା କରିବାକୁ ଆମର ଖୁବ୍ ଇଚ୍ଛା । ତୁ ତ ଜଣେ ଇହୁଦୀ । ଆ, ଆମ ସାଥିରେ ପ୍ରାର୍ଥନାରେ ଯୋଗ ଦେ ।"

ସମବେତ ପ୍ରାର୍ଥନାରେ ଯୋଗଦେବା କଥା ଶୁଣି ଜୋସେଫ ଭାରି ଖୁସି । ସେ ଗଧରୁ ଓହ୍ଲାଇପଡ଼ିଲା । ପାଖ ଗଛରେ ଗଧକୁ ବାନ୍ଧି-ଦେଲା । ବୁଢ଼ାଟି ଆଗେ ଆଗେ ଚାଲିଥାଏ, ଜୋସେଫ ତା ପଛରେ । ଉଭୟେ ପାହାଡ଼ ତଳକୁ ଗଲେ ।

ପ୍ରାର୍ଥନା ଶେଷ ହେଲା । ଜୋସେଫର ସେଠି ଆଉ କିଛି କରିବାର ନଥିଲା । ସେ ଗଧ ପାଖକୁ ଆସିବାକୁ ବାହାରିଲା । ଏତିକିବେଳେ ସେଠାରେ ଥିବା ରବ୍ବି (ଇହୁଦୀ ଧର୍ମଯାଜକ) ତାକୁ କହିଲେ— "ଏଇ ଛଅଟି ବାଲିଗରଡ଼ା ନେଇଯା । ଏହାକୁ ତୋ ଅଣ୍ଟା ବସ୍ତାରେ ପକାଇଦେବୁ । ଏକଥା କାହାରିକୁ କହିବୁ ନାହିଁ । ଯେତେ ଦିନ ଯାଏଁ ଏକଥା ପେଟରେ ରଖିଥିବୁ, ସେତେଦିନ ଯାଏ ତୋ ବସ୍ତାରୁ ଅଣ୍ଟା ସରିବ ନାହିଁ । ଯେତେ ଖର୍ଚ୍ଚ କଲେ ବି ସେତିକିକୁ ସେତିକି ରହିବ । କିନ୍ତୁ ଖବରଦାର, ଏକଥା ପ୍ରକଟ କରିବୁ ନାହିଁ । ଯେଉଁଦିନ ଏକଥା ପ୍ରକାଶ କରିବୁ, ସେଇଦିନ ତୋ ସ୍ତ୍ରୀ ଓ ପିଲାମାନେ ମରିଯିବେ ।" ଏତକ କହି ଛଅଟି ବାଲିଗରଡ଼ା ରବ୍ବି ଜୋସେଫକୁ ଧରାଇଦେଲେ ।

ଜୋସେଫ ବାଲିଗରଡ଼ା ଛଅଟିକୁ ଅଣ୍ଟା ଅଖାରେ ପକାଇ-ଦେଲା । ଗଧରେ ଚଢ଼ି ଘରକୁ ଫେରିଲା ।

ମାସେ ବିତିଗଲା । ଅଣ୍ଟା ନସରିବାର ଦେଖି ସ୍ତ୍ରୀ ତା'ର ଆଶ୍ଚର୍ଯ୍ୟ । କିନ୍ତୁ ସେ କାହାକୁ କିଛି କହିଲା ନାହିଁ । ମନକଥା ମନରେ ରଖିଲା । ବସ୍ତା ଉପରେ କିନ୍ତୁ ସେ ଆଖି ରଖିଥାଏ । ଦ୍ୱିତୀୟ ମାସ, ତୃତୀୟ ମାସ ବି ଗ୍ଲଲିଗଲା । ବସ୍ତାରେ ସେତିକିକୁ ସେତିକି ଅଣ୍ଟା । ଅଥଚ ଘରେ ପ୍ରତିଦିନ ଅଣ୍ଟା ଖର୍ଚ୍ଚ ଗ୍ଲଲିଛି ।

ଏ ତ ଅଦ୍ଭୁତ କଥା । ଆଖି ହେଲାଦିନୁ ଜୋସେଫର ସ୍ତ୍ରୀ ଏକଥା କେବେ ଦେଖିନାହିଁ କି କାନ ହେଲାଦିନୁ ଏକଥା ସେ ଶୁଣି ନାହିଁ । ତାକୁ ସବୁ କଥା କେମିତି ଭେଳିକି ପରି ଲାଗିଲା । ତା'ର ଭୟ ମଧ୍ୟ ହେଲା । କ'ଣ ରହସ୍ୟ ଏହା ପଛରେ ଅଛି, ହୁଏତ ଜୋସେଫ ଜାଣିଥିବ । ଏକଥା ସେ ଭାବିଲା । ସେ ଯାଇ ଜୋସେଫକୁ ପଗ୍ଲରିଲା

"ହଇହୋ ଶୁଣୁନ୍ତ ! ଆମେ ଯେତେ ଅର୍ଥ ଖର୍ଚ୍ଚ କଲେ ବି ଆମ ଅଖାରୁ ଜମା ଅର୍ଥ ସରୁନାହିଁ । କ'ଣ ହୋଇଛି ଟିକଏ ଦେଖନ୍ତୁ ନାହିଁ ।

ଜୋସେଫ୍ ତ ଅସଲ କଥା କହିବାକୁ ନାରାଜ, ସେ କଥାଟାକୁ ବାଆଁରେଇ ଦେଇ କହିଲା—"ଆମେ ଶାସ୍ତ୍ର ନିୟମ ମାନି ଚଳୁ । ଦିନେ ହେଲେ କାଳ କରୁନାହିଁ । ଛୁଟି ଦିନରେ ଓ ଶନିବାରରେ ଆମର କାମ ବନ୍ଦ ହୁଏ । ସବୁଦିନ ଦି'ବେଳା ଆମେ ପ୍ରାର୍ଥନା କରୁ । ସେଥିପାଇଁ ଈଶ୍ୱର ଆମ ଉପରେ ସନ୍ତୁଷ୍ଟ । ଏଇଟା ତାଙ୍କର ଆଶୀର୍ବାଦ ।"

ସ୍ତ୍ରୀଟିର ଏ ପ୍ରକାର ଉତ୍ତରରେ ସେ ସନ୍ତୁଷ୍ଟ ହୋଇପାରିଲା ନାହିଁ । ବରଂ ଭାବିଲା—ସ୍ୱାମୀ ଅସଲ କଥା ଜାଣେ । ତାକୁ ସେଥି-ପାଇଁ ଭୁଲାଉଛି । ସେ ମନେ ମନେ ରାଗିଗଲା । ସେ କହିଲା—"ତୁମେ ମତେ ଗୁପ୍ତକଥା ଖୋଲିକରି କହିବାକୁ ନାରାଜ । ଆଜିଠାରୁ ତମର ମୋର ଏଣିକି । ମୁଁ ତମକୁ ଛାଡ଼ି ଚାଲିଯିବି ।"

ଜୋସେଫ୍ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲା । ନ କହିଲେ ସ୍ତ୍ରୀ ପଳେଇବ, କହିଲେ ସ୍ତ୍ରୀ ଓ ପିଲାମାନେ ମରିଯିବେ । କ'ଣ କରିବ ସେ ଠିକ୍ କରିପାରିଲା ନାହିଁ । ମନେ ମନେ ଖାଲି ଈଶ୍ୱରଙ୍କୁ ଡାକିଲା ।

ସେ ଭାବିଲା—ଗୁପ୍ତ କଥା ପ୍ରକାଶ କଲେ ଯେଉଁ ବିଷମୟ ଫଳ ଫଳିବ, ସେ କଥା ସେ ସ୍ତ୍ରୀକୁ ତା'ର ଜଣାଇଦେବ । ଯଦି ସେ ବାଧ୍ୟ କରେ, ତେବେ ସେ ନାଚାର । ସବୁ ସତ କଥା କହିଦେବ । ଈଶ୍ୱରଙ୍କର ଯାହା ବିଧାନ ଥିବ ତାହା ହିଁ ହେବ ।

ସେ ତା'ର ସ୍ତ୍ରୀକୁ କହିଲା—"ଏ ସବୁ କଥା ପଛରେ ଏକ ଗୁପ୍ତ କଥା ଅଛି । ପ୍ରକାଶ କଲେ, ତୁ ଆଉ ଆମର ପିଲାମାନେ ମରିଯିବା । ତେଣୁ ତୁ ଏକଥା ଜାଣିବାକୁ ଆଉ ଇଚ୍ଛା କର ନାହିଁ ।"

ସ୍ତ୍ରୀ ଭାବିଲା, କଥାଟି ନକହିବା ପାଇଁ ଏ ଏକ ଅଭିନବ ଫିକର । ତେଣୁ ସେ କହିଲା, "ମୋ ନିଷ୍ପତ୍ତି ମୁଁ ଜଣେଇ ଦେଇଛି । ତମେ ଯଦି କହିବାକୁ ମତେ ନ ଚାହୁଁଛ, ତା'ହେଲେ କହ ନାହିଁ । କିନ୍ତୁ ମୁଁ ତମକୁ ଛାଡ଼ିକରି ଯିବା ନିଶ୍ଚିତ । ଏଥିରେ ସନ୍ଦେହ ଆଉ କର ନାହିଁ ।"

ଜୋସେଫ୍ ପୁଣି ଈଶ୍ୱରଙ୍କୁ ମନେ ମନେ ଡାକିଲା । ଏକ ଦୀର୍ଘ-ନିଶ୍ୱାସ ପକାଇ ସେ ଅଣ୍ଡା ନେଇ ଆସିବା ବାଟରେ ଯାହା ସବୁ ଘଟିଥିଲା, ସବୁ ଗୋଟି ଗୋଟି କରି ସ୍ତ୍ରୀକୁ କହିଲା । ତା'ଛଡ଼ା ରବ୍‌ବିଙ୍କର ସତର୍କବାଣୀ ମଧ୍ୟ କହିଲା ।

ସେଇଦିନ ରାତିରେ ଲମ୍ବା ଦାଢ଼ିଆ ବୁଢ଼ା ତା' ଆଗରେ ଉଭା ହେଲା । ସେ କହିଲା—"ତୁ ପ୍ରକୃତରେ ନ୍ୟାୟପରାୟଣ । ତୁ ଏତେ ସୁବିଧା ପାଇ ବି ଅନ୍ୟାୟରେ କାହାକୁ ଅଣ୍ଡା ଦେଇନାହୁଁ । ସେଥିରୁ ଫାଇଦା ଉଠାଇବାକୁ ଚେଷ୍ଟା ମଧ୍ୟ କରିନାହୁଁ । କଥାଟିକୁ ପ୍ରକାଶ କରିବାକୁ ତୋର ଆଦୌ ଆଗ୍ରହ ନ ଥିଲା । କିନ୍ତୁ ସ୍ତ୍ରୀର ବାଧ ବାଧ-କତାରେ ତୁ ଗୁପ୍ତକଥା ଖୋଲିଲୁ । ସେଥିପାଇଁ ତୋର ଦୋଷ ହୋଇଛି ସତ; କିନ୍ତୁ ତାହା କ୍ଷମଣୀୟ । ଫଳରେ ତୋ ସ୍ତ୍ରୀ ପିଲା ବି ମରିବେ ନାହିଁ । କିନ୍ତୁ ଅଖା ତୋର ଖାଲି ହୋଇଯିବ । ଏଥରକ ତୋ ସ୍ତ୍ରୀ ତୋ ସାଥିରେ କଳି କରି ବସାଇ ଉଠାଇ ଦେବ ନାହିଁ । ତୋର ଜୀବନ ଦୁଃଖମୟ ହେବ ।"

ବୁଢ଼ାଟି ଯାହା କହିଥିଲା, ସେଇଆ ହେଲା । ସେଇଦିନଠୁଁ ଜୋସେଫ ଦିନଟିଏ ସୁଖଶାନ୍ତିରେ ରହିପାରିଲା ନାହିଁ । ଘରେ ଖାଲି କଳି, ଅଶାନ୍ତି, ବାଦ ଓ ବିବାଦ । ଶେଷରେ ତା'ର ଏଇ ଦୁର୍ବିସହ ଜୀବନର ପରିସମାପ୍ତି ଘଟିଲା ।

ଘରକୁ ଲାଗି ତା'ର ବଗିଚା । ସେଇଠି ତାକୁ କବର ଦିଆଗଲା । କାଳକ୍ରମେ ଲୋକେ ଗୁପ୍ତ କଥା ଜାଣିଲେ । ଲୋକଟି ଯେ ନ୍ୟାୟ-ପରାୟଣ, ଏଥିରେ ସନ୍ଦେହ ନଥିଲା ।

ନାସ୍ତିକ

ସବୁ ମଣିଷର ଖିଆଲ ଅଛି । ବେଳେ ବେଳେ ଅଦ୍ଭୁତ ଖିଆଲ ମଣିଷ ମନରେ ଜୁଟେ । ତାକୁ କାର୍ଯ୍ୟକାରୀ କରିବାକୁ ସେ ପାଗଳ ହୁଏ । ନ ଠକିଲେ ସେ ଶିଖେ ନାହିଁ । ଏଇମିତି ଅଦ୍ଭୁତ ଖିଆଲ ଜଣେ ଧନୀଲୋକର ଥିଲା । ତା' ମତରେ ଏ ସଂସାରରେ ସମସ୍ତେ ଈଶ୍ୱରବିଶ୍ୱାସୀ ହୋଇ ନଥିବେ । ସଂସାରରେ ନିଶ୍ଚୟ ତାର ବ୍ୟତି-କ୍ରମ ଥିବ । ଏପରି ଲୋକ ଥିବ, ଯାହାର କି ଈଶ୍ୱରଙ୍କ ଉପରେ ଜମା ଆସ୍ଥା ନ ଥିବ ।

ଏପରି ଲୋକକୁ ଖୋଜି ବାହାର କରିବାକୁ ତା'ର ଘୋର ଇଚ୍ଛା । କେବଳ ସେତିକି ନୁହଁ, ତାକୁ ଏକଶତ ତୋମାନ (ପାରସ୍ୟ ମୁଦ୍ରା) ଦେବ ବୋଲି ଗୋଟିଏ ଥଳିରେ ଅଲଗା କରି ରଖିଲା ।

'ତା' ମତରେ ସଂସାରରେ ତିନି ପ୍ରକାର ଲୋକ ଅଛନ୍ତି । ସେମାନେ ହେଲେ—ଧନୀ, ମଧ୍ୟବିତ୍ତ ଓ ଗରିବ । ଧନୀମାନେ ଧନ ବଢ଼ାଇବାକୁ ଚାହାଁନ୍ତି । ସେମାନେ ସବୁବେଳେ ଈଶ୍ୱରଙ୍କର ଶରଣାପନ୍ନ । ସେମାନଙ୍କର ଈଶ୍ୱରଙ୍କ ଉପରୁ ଆସ୍ଥା ତୁଟିବା କଥା ଜମା ଉଠୁନାହିଁ । ମଧ୍ୟବିତ୍ତମାନେ ସେମାନଙ୍କ ଭାଗ୍ୟ ନେଇ ପ୍ରାୟ ସନ୍ତୁଷ୍ଟ । ସେମାନେ

ଈଶ୍ୱର ବିଶ୍ୱାସୀ । ଦରିଦ୍ର ଲୋକଙ୍କର କଥା ନିରାସକ୍ତ । ଭାଗ୍ୟ ଦୋଷରୁ ସେମାନେ ଏ ଅବସ୍ଥାରେ ପଡ଼ିଛନ୍ତି ବୋଲି ତାଙ୍କର ଧାରଣା । ବେଳେବେଳେ ସେମାନେ ତାଙ୍କ ଭାଗ୍ୟର ବିପର୍ଯ୍ୟୟ ପାଇଁ ଈଶ୍ୱରଙ୍କୁ ଦୋଷ ଦେଇଥାଆନ୍ତି ।

ଯେଉଁମାନେ ଦରିଦ୍ର ତ ଦରିଦ୍ର । ତା ଛଡ଼ା ଦାରିଦ୍ର୍ୟର କଷ୍ଟରେ ଅତିଷ୍ଠ । ଏଣେ ସାହା ଭରସା ତ ଦୂରର କଥା, ଆହା ଟିକିଏ ମିଳେ ନାହିଁ । ସେମାନେ ଈଶ୍ୱରଙ୍କ ଉପରେ ନିଷ୍ଠୟ ରାଗୁଥିବେ । କେବେ-ହେଲେ ଈଶ୍ୱରଙ୍କ ଉପରେ ଆସ୍ଥା ରଖୁନଥିବେ । ସେଇମାନେ ହିଁ ପ୍ରକୃତରେ ନାସ୍ତିକ । ସେମିତି ଲୋକଟିଏ ପାଇଲେ, ସେ ତାକୁ ଏକଶତ ତୋମାନର ଥଳିଟି ଦେବ ।

ତା'ର ଚିନ୍ତାଧାରାକୁ ଖାପ ଖୁଆଇଲା ଭଳି ଅନ୍ତତଃ ଜଣେ ଲୋକକୁ ଖୋଜି ତାକୁ ବାହାର କରିବାକୁ ହେବ । ସେଥିପାଇଁ ସେ ଏକଶତ ତୋମାନ ରଖିଥିବା ଥଳିଟି ଧରି ବଜାରକୁ ବାହାରି-ପଡ଼ିଲା । ସେ ଦେଖିଲା—ପାଂଚ ଲୋକ ଗୋଟିଏ ଜାଗାରେ ବସି ଗପ କରୁଛନ୍ତି । ସେମାନେ ସେଠି କିଛି କାମ କରୁନାହାନ୍ତି । ସେମାନଙ୍କ ଅଧିକାଂଶ ଫୁଙ୍ଗୁଳା । ଉପାସ ରହି ରହି କେତେକଙ୍କର କଣ୍ଠା ଦୋହଲୁଛି । ସେମାନେ ଯେ ଭିକାରୀ ଓ ଅଳସୁଆ, ଏଥିରେ ଧର୍ମିଲୋକର ସନ୍ଦେହ ରହିଲା ନାହିଁ । ସେ ସେମାନଙ୍କ ପାଖକୁ ଗଲା । ଏକଶତ ତୋମାନ ରଖିଥିବା ଥଳିଟିକୁ ସେ ଉପରକୁ ଉଠାଇ ବଡ଼ ପାଟିରେ କହିଲା—"ଭାଇମାନେ ! ମୋ କଥା ଟିକିଏ ଶୁଣିବା ହୁଅନ୍ତୁ । ତମେ ଏ ଯେଉଁ ଅବସ୍ଥାରେ ଅଛ, ତାହା ତମର କର୍ମ-ଫଳ । ଏହା ତମରି ଦୋଷ ନୁହେଁ । ଏହା ତମ ଭାଗ୍ୟର ଦୋଷ । ଏହି ଦୋଷରୁ ତମେ ମର୍ମନ୍ତୁଦ କଷ୍ଟ ଭୋଗୁଛ । ତାହା ଭାଷାରେ ବ୍ୟକ୍ତ-କରିବା ଅସମ୍ଭବ । ନିଜର ଅଭାବ ମେଣ୍ଟାଇବା ପାଇଁ ତୁମେମାନେ

ହାତପତାଇ ମାଗୁଛ । ଦାନ ତ ଦୂରର କଥା । ଆଶା ଭରସା ବି ମିଳୁନାହିଁ । ତୁମେମାନେ ଅକ୍ଷଷ୍ଟ । ତମର କାହା ଉପରେ ଆଉ ଆସ୍ଥା ନାହିଁ । ଭଗବାନ ମଧ୍ୟ ସେଥିରୁ ବ୍ୟତିକ୍ରମ ନୁହନ୍ତି । ତମର ଯଦି ପ୍ରକୃତରେ ଭଗବାନଙ୍କ ଉପରେ ଆଉ ଆସ୍ଥା ନାହିଁ, ତାହା-ହେଲେ ତମେ ମୋ ପାଖକୁ ଆସ । ମୁଁ ଏଇ ଏକଶତ ତୋମାନ ଦେଉଛି, ନେଇଯାଅ ।”

ରୁଣ୍ଡ ହୋଇଥିବା ଲୋକମାନେ ମନଦେଇ ଧର୍ମାଲୋକଟିର କଥା ଶୁଣିଲେ । ଅନେକେ ପ୍ରଥମେ ତା କଥାର ମର୍ମ ବୁଝିପାରିଲେ ନାହିଁ । ସମସ୍ତେ ନୀରବ । ତାକୁବ । ଜଣେ ଦାନ ଦେବାପାଇଁ ଲୋକଟିଏ ପୁଣି ଖୋଜୁଛି ଦେଖି ସେମାନେ ଆଶ୍ଚର୍ଯ୍ୟ । ସେମାନେ ସମସ୍ତେ ଟିକେ ଚନ୍ତାକଲେ । ଟିକକ ପରେ ସେମାନଙ୍କ ମଧ୍ୟରେ କୁହାକୁହି ଆରମ୍ଭ ହେଲା—ମଣିଷ ସବୁଥିରୁ ବିଶ୍ୱାସ ହରାଇପାରେ; କିନ୍ତୁ ଭଗବାନଙ୍କ ଉପରୁ ଆସ୍ଥା ତୁଟାଇ ପାରିବ ନାହିଁ । ଈଶ୍ୱରଙ୍କର ଦୟା ଅସୀମ । ତାଙ୍କର ଦୟାହେଲେ, କାଲିକୁ କାଲି ଭାଗ୍ୟ ବଦଳିବ । ଏକଶତ ତୋମାନ କ’ଣ ? ଶତସହସ୍ର ତୋମାନ ବନେ ବନେ ଆସି ପହଞ୍ଚିବ । କିନ୍ତୁ ଈଶ୍ୱର ବାମ ହେଲେ, ଯେଉଁ ଭିକ ଚଣ୍ଡାକ ମିଳୁଛି, ତା’ ବି ଆଉ ମିଳିବ ନାହିଁ । ଏଇ ତୋମାନତକ ନେଲେ ଭୋଗ ବି କରିହେବ ନାହିଁ । ଖୁହୁଁ ଖୁହୁଁ ଆଖି ପିଛୁଳାକେ ତାହା ବାଏଁ ବାଏଁ ଉଡ଼ିଯିବ । ଏଇ ସାମାନ୍ୟ ଦାନ ଗ୍ରହଣ କରି ଈଶ୍ୱରଦ୍ରୋହୀ ହେବା ଉଚିତ ହେବନାହିଁ । ବରଂ ଏଥିପାଇଁ ଈଶ୍ୱର ରାଗିବେ, ଅସନ୍ତୁଷ୍ଟ ହେବେ । ମଣିଷ ଯେଉଁ ଅବସ୍ଥାରେ ଅଛି, ତା’ଠାରୁ ଅବସ୍ଥା ଆହୁରି ଖରାପ ହେବ । ଏଥିରେ ଲାଭ କ’ଣ ମିଳିବ ? ସେ ଦାନ ନାଁରେ ଆମକୁ ନାସ୍ତିକ କରିବାକୁ ବସିଛି ।

ପ୍ରଥମେ ସେମାନେ ଚୁପ୍‌ଚାପ୍ ହେଲେ । କଥାଟା ଆସ୍ତେ ଆସ୍ତେ ଆଲୋଚନାର ବିଷୟବସ୍ତୁ ପାଲଟିଗଲା । ଆସ୍ତେ ଆସ୍ତେ ଦୁଷ୍ଟଲୋକ ଆଗେଇ ଆସିଲେ । ସେମାନେ ଖୋଲାଖୋଲି ଭାବରେ ଉପସ୍ଥିତ ଜନତାକୁ କହିଲେ—"ଏ ଏକ ବଦମାସ୍ ଲୋକ । ଆମକୁ ବିପଦରେ ପକାଇ ମଜା ଦେଖିବାକୁ ତାର ଇଚ୍ଛା । ଦେଖ, କେମିତି ଈଶ୍ୱରଙ୍କ ଉପରୁ ଆସ୍ଥା ତୁଟାଇବାକୁ ଆମକୁ ଆହ୍ୱାନ ଦେଉଛି ।"

ଲୋକେ ତ କିଛି ବୁଝନ୍ତି ନାହିଁ । ହୋ ହୋ ହୋଇ ମାତିବା ତାଙ୍କର ଅଭ୍ୟାସ । ଥୋକେ ଧର୍ମଲୋକ ପାଖକୁ ମାଡ଼ିଗଲେ । ଗର୍ଜନ କରି ତାକୁ କହିଲେ—"ଯଦି ତୋର ଭଲ ଦଶା ଅଛି, ଏଠୁ ଶୀଘ୍ର ପ୍ରାଣ ନେଇ ପଳା । ନହେଲେ, ଆମେ ତତେ ପିଟି ପିଟି ମାରିଦେବୁ ।"

ଧର୍ମଲୋକଟିର କଥା ଶୁଣି ଲୋକଙ୍କ ମଧ୍ୟରୁ କେତେକ ଭାବିଲେ, ଈଶ୍ୱର ତାଙ୍କ ଉପରେ ରାଗିବେ । ତାଙ୍କର ଜୀବନ ବିଷମୟ ହୋଇ-ଯିବ । ସେମାନେ କାତର ପ୍ରାର୍ଥନା କଲେ—"ହେ ଈଶ୍ୱର ! ଆମେ ଦରିଦ୍ର, ସରଳ । ଆପଣଙ୍କ ଦୟାରେ ଆମେ ପ୍ରତିପାଳିତ । ଆପଣଙ୍କ ଦୟା ଆମର କାମ୍ୟ ଓ ପ୍ରାର୍ଥନା । ଆମକୁ ଶକ୍ତି ଦିଅନ୍ତୁ । ଆମେ ବିପଦ ଓ ସଂପଦରେ ଆପଣଙ୍କୁ ଡାକୁ । ଆମର କେବେହେଲେ ଆପଣଙ୍କ ଉପରୁ ଆସ୍ଥା ତୁଟୁନି ।

ଧର୍ମଲୋକଟି ସବୁକଥା ଶୁଣିଲା । ସେଠି ଅଧିକ ସମୟ ରହିଲେ ଯେ ବିପଦ, ଏଥିରେ ତାର ଆଉ ସନ୍ଦେହ ନଥିଲା । ସେ ସେଠୁ ପଳେଇଗଲା ।

ଧର୍ମଲୋକଟି ବାଟରେ ଯାଉ ଯାଉ ଦେଖିଲା, ଗୋଟିଏ ଲୋକ ଫୁଙ୍ଗୁଳା ହୋଇ ପାଉଁଶ ଗଦାରେ ଶୋଇଛି । ଅବସ୍ଥା ତାର ଅତି ଶୋଚମୀୟ । ଦୟନୀୟ ।

ତାକୁ ଦେଖି ଧର୍ମଲୋକଟିର ଦୟା ହେଲା । ସେ ଭାବିଲା—ଏଇ ଅବସ୍ଥାରେ ଏ ଲୋକଟି କେବେହେଲେ ଆସ୍ତିକ ହୋଇପାରିବ ନାହିଁ । ତେଣୁ ସେ ସେଇ ଲୋକଟି ପାଖକୁ ଗଲା । ତାକୁ କହିଲା—"ତୁମେ ଏଠି ଏପରି ଅବସ୍ଥାରେ କାହିଁକି ପଡ଼ିଛ ? ଉଠି ବସ । ତମର ଅବସ୍ଥା ଯାହା, ସେଥିରେ ତମେ ଯେ ନାସ୍ତିକ ଏଥିରେ ମୋର ସନ୍ଦେହ ନାହିଁ । ତେଣୁ ମୁଁ ତମକୁ ସାହାଯ୍ୟ କରିବାକୁ ଚାହେଁ । ମୋ ଠାରୁ ତମେ ଏଇ ଥଳିଟିକୁ ନିଅ । ଏଥିରେ ଏକଶହ ତୋମାନ୍ ଅଛି ।

ଫୁଙ୍ଗୁଳା ଲୋକଟି ଧର୍ମଲୋକର କଥା ଶୁଣି ଖୁସି ହେଲା ନାହିଁ । ରାଗିଗଲା । ସେ କଟମଟ କରି ଧର୍ମଲୋକକୁ ଚାହିଁଲା । ଧର୍ମଲୋକ ଧରିଥିବା ଥଳିଟିକୁ ନେବାପାଇଁ ହାତ ବଢ଼ାଇଲା ନାହିଁ । ବରଂ ଟାଣ ଟାଣ କରି କହିଲା, "ମୋ ଜୀବନର ଶେଷନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଉପରେ ମୋର ବିଶ୍ୱାସ ରହୁ । ତାଙ୍କ ପାଖେ ଏହାହିଁ ମୋର ପ୍ରତିଦିନର ପ୍ରାର୍ଥନା । ତେଣୁ ତମ ଦାନ ନେବାପାଇଁ ମୁଁ ଅଯୋଗ୍ୟ । ତମେ ଭଗବାନଙ୍କ ବିରୁଦ୍ଧରେ ମୋ ଆଗରେ କିଛି କୁହ ନାହିଁ । ଦୟାକରି ଏଠୁ ଚାଲିଯାଅ ।"

ଧର୍ମଲୋକଟି ସେଠୁ ଚାଲିଗଲା । ବହୁ ଜାଗା ସେ ବୁଲିଲା । ଅନେକ ଲୋକଙ୍କ ସାଥିରେ ତା'ର ଭେଟ ହେଲା । ତା ମନକଥା ସେମାନଙ୍କ ଆଗରେ ସେ କହିଲା । କିନ୍ତୁ ଦାନକରିବା ପାଇଁ ତା ମନଲାଖି ଲୋକଟିଏ ସେ ପାଇଲା ନାହିଁ । ଈଶ୍ୱରଙ୍କ ବିରୁଦ୍ଧରେ ସେ କହୁଥିବାରୁ ଅପମାନିତ ଓ ଲାଞ୍ଛିତ ହେଲା । ଜୀବନରେ ତାର ବିପଦ ମଧ୍ୟ ଆସିଲା । ଭାଗ୍ୟ ବଳରୁ ସେ ବଞ୍ଚିଗଲା ।

ଧର୍ମଲୋକଟି ଚିନ୍ତା କଲା—ପ୍ରତ୍ୟେକ ମଣିଷ ବଞ୍ଚିରହିବାକୁ ଚାହେଁ । ତା'ର ଦୃଢ଼ ବିଶ୍ୱାସ ଭଗବାନ ଏ ସଂସାରରେ ପାଳନକର୍ତ୍ତା ।

ସେ ଯାହା କଲେ ବି ତାଙ୍କ ବିରୁଦ୍ଧରେ ଯିବାକୁ ମଣିଷର ସାହସ କୁଳଉ ନାହିଁ । ମନ୍ଦ ମଣିଷ କଥା ଭିନ୍ନ । ସଂସାରରେ ଚଳିବାକୁ ତାକୁ ପଡ଼ିବ ନାହିଁ । ତେଣୁ ଈଶ୍ୱରଙ୍କ ଆଶୀର୍ବାଦ ତା'ର ଆଉ ଲୋଡ଼ା ନାହିଁ ସେଇ କେବଳ ନାସ୍ତିକ ହୋଇଯାଇବ । ଏ ମତରେ ସେ ଦୃଢ଼ ହେବାରୁ ଗୋଟିଏ ଶ୍ମଶାନକୁ ଗଲା । ଜଣଙ୍କର କବର ଖୋଳିଲା । ତା'ପରେ ସେ କହିଲା—"ହେ ମୃତବ୍ୟକ୍ତି ! ତୁମେ ଉଠ । ତମର ତ ଆଉ କିଛି ଆଶା ନାହିଁ । ତେଣୁ ତମର ଭଗବାନଙ୍କ ଉପରେ ଆସ୍ଥା ରଖିବାର ଆବଶ୍ୟକତା କ'ଣ ? ମୋର ବିଶ୍ୱାସ, ତମର ସମସ୍ତ ଆଶା ଭଗବାନଙ୍କଠାରୁ ତୁଟିଯାଇଛି । ସେଥିପାଇଁ ମୁଁ ଆଣିଥିବା ଏଇ ଏକଶତ ତୋମାନର ଥଳି ତମକୁ ଅର୍ପଣ କଲି । ତା'ପରେ ସେ ଥଳିଟିକୁ କବର ପାଖରେ ରଖି, ମାଟି ଚଢ଼ାଇ କବରଟିକୁ ପୋତି ଦେଲା ।

ସମୟ ଚଢ଼ିଗଲିଛି । ଭାଗ୍ୟଚକ୍ରର ଘୂରିବା ବନ୍ଦ ହେଉନାହିଁ । ଏହା ଭିତରେ ଧର୍ମଲୋକଟିର ଭାଗ୍ୟର ବିପର୍ଯ୍ୟୟ ଘଟିଛି । ସେ ତା'ର ସମସ୍ତ ସମ୍ପତ୍ତି ହରାଇଦେଇଛି । ସେ ଏବେ ଦରିଦ୍ର । ନିଃସ୍ୱ । ତା ହାତରେ ଆଉ ପଇସା ନାହିଁ । ତାକୁ ଦୁଇବେଳା ପେଟପୂରା ଖାଇବାକୁ ମିଳୁନାହିଁ । ପରିବାରର ଅନ୍ୟମାନେ ଉପାସରେ ପଡ଼ୁଛନ୍ତି । ସମସ୍ତେ ତାକୁ ହିଁ ଦୋଷ ଦେଉଛନ୍ତି । ସେ ନାଚାର । ଏ ଅବସ୍ଥା ତାକୁ ଖୁବ୍ ବାଧେ । ସେ ଏଥିରୁ ଉଦ୍ଧରିବାକୁ ବାଟ ପାଏ ନାହିଁ ।

ସେଦିନ ତା ଘରେ ଖାଇବାକୁ କିଛି ନଥାଏ । ପୂର୍ବଦିନ ବି ସେମାନେ କିଛି ଖାଇ ନଥାଆନ୍ତି । ସେଥିପାଇଁ ଘରେ ତା'ର ଖୁବ୍ ଚଣ୍ଡଗୋଳ । ଏସବୁ ଦେଖି ବିଚରା ଧର୍ମଲୋକଟି ବହୁତ ଦୁଃଖ କଲା । ସେ ଅନେକ କଥା ଭାବିଲା । ସବୁ ପୁରୁଣା କଥା । ତା'ର ସମ୍ପର୍କି

ବେଳର କଥା । ହଠାତ୍ ତା'ର ମନେପଡ଼ିଲା—ସେ ଏକଶତ ତୋମାନର ଥଳି କବର ପାଖରେ ପୋତିଥିଲା—ମୃତବ୍ୟକ୍ତିକୁ ତା'ର ଦାନ ସ୍ୱରୂପ । ତାକୁ ଆଉ କେହି ଦେଖିନଥିଲେ । ଏବେ ସେ ମୁଦ୍ରାତକ ଠିକ୍ ସେମିତି ଥିବ । ସେତକ ସେ ଆଣିପାରିଲେ ତା' ଘର-ଲୋକ ଅନ୍ତତଃ କିଛିଦିନ ସୁଖରେ ଚଳିଯିବେ ।

ପରଦିନ ସକାଳୁ ସେ କବରଖାନାକୁ ଗଲା । ଯେଉଁ କବର ପାଖରେ ଥଳିଟି ପୋତିଥିଲା, ତାକୁ ଖୋଳି ବାହାର କଲା । ମନରେ ତା'ର ଆନନ୍ଦ ବହୁତ । ଏତିକିବେଳେ କବରଖାନା ଜଗୁଆଳର ନଜର ତା'ଉପରେ ପଡ଼ିଲା । ଜଗୁଆଳ ଭାବିଲା—ଧନୀ ଲୋକଟି ଗୋଟିଏ ଚୋର । କବର ଖୋଳି ମୃତବ୍ୟକ୍ତି ସାଥିରେ ପୋତା ହୋଇଥିବା ଧନ ଚୋରି କରୁଛି । ତାକୁ ଧରି ସେ ପୋଲିସ୍ ଜିମା ଦେଲା । ଧନୀଲୋକଟି ସବୁକଥା ପୋଲିସ୍‌କୁ କହିଲା । କିନ୍ତୁ ତାକୁ ପୋଲିସ୍ ବିଶ୍ୱାସ କଲେ ନାହିଁ । ଏହା ଏକ ସୁଚିନ୍ତିତ କୈଫିୟତ ବୋଲି ପୋଲିସ୍‌ର ଧାରଣା ହେଲା । ତେଣୁ ସେ ତାକୁ ଛାଡ଼ିଲା ନାହିଁ । ତା'ର ବିଚାର ପାଇଁ ତାକୁ ରାଜାଙ୍କ ନିକଟରେ ହାଜର କଲା । ତା ବିରୁଦ୍ଧରେ ଅଭିଯୋଗ ହେଲା—ଏ ଲୋକ କବରଖାନା ଖୋଳେ । କଫିନ୍ ଉପର ପଟା କଣା କରେ । କଫିନ୍ ଭିତରେ ଥିବା ଧନରତ୍ନ ଲୁଟ୍ କରେ । ତାର ସାକ୍ଷ୍ୟ—କବରଖାନାର ଜଗୁଆଳ ଓ ତା'ଠାରୁ ଧରା ହୋଇଥିବା ଏକଶତ ତୋମାନ ।

ଧନୀଲୋକଟି କହିଲା—"ମହାରାଜ ! ଅଳ୍ପଦିନ ପୂର୍ବରୁ ମୁଁ ଖୁବ୍ ଧନୀ ଥିଲି । ମୋର ଖିଆଲ ଥିଲା ଅଦ୍ଭୁତ । ଯେଉଁ ଲୋକ ଭାଗ୍ୟ ଦୋଷରୁ ଗରିବ ହୋଇଥିବ ଏବଂ ତାଡ଼ନା ପାଇ ନାସ୍ତିକ ପାଲଟି-ଯାଇଥିବ, ତାକୁ ମୁଁ ଏକଶତ ତୋମାନ ଦେବାକୁ ଖୋଜିଲି । କିନ୍ତୁ କାହାକୁ ପାଇଲି ନାହିଁ । ଶେଷରେ, ମୃତବ୍ୟକ୍ତିର ଆଶା ଓ ଆକାଂକ୍ଷା

କିଛି ନାହିଁ । ସେ ଈଶ୍ବରଙ୍କ ଉପରେ ବିଶ୍ବାସ ରଖିନଥିବେ । ଏ ଧାରଣା ମୋର ଦୃଢ଼ ହେବାରୁ ମୁଁ କବରଖାନାକୁ ଗଲି । କବରଟିଏ ଖୋଳି ଏକଶହ ତୋମାନ ସେଠି ରଖିଦେଲି । ପୁଣି କବରଟିକୁ ପୋତିଦେଇ ଚାଲିଆସିଲି ।

ଭାଗ୍ୟଚକ୍ରର ଆବର୍ତ୍ତନରେ ଆଜି ମୁଁ ଗରିବ । ଏମିତିକି ମୋ ଘରେ ଖାଇବାକୁ କିଛି ନାହିଁ । ପିଲାମାନେ ଭୋକରେ ଆଉଟୁପାଉଟୁ । ମୁଁ ସେମାନଙ୍କର ଅବସ୍ଥା ଦେଖି ନିଜକୁ ଆଉ ସମ୍ଭାଳି ପାରିଲି ନାହିଁ । କବରଖାନାରେ ରଖିଥିବା ଏକଶହ ତୋମାନ ନେବାକୁ ଆସିଲି । ଯେଉଁଠି ମୁଦ୍ରା ରଖିଥିଲି, ସେଠା ଖୋଳି ମୁଦ୍ରା ପାଇଲି । ଏତିକିବେଳେ କବରଖାନା ଜଗୁଆଳି ମତେ ଦେଖିନେଲା । ସେ ମତେ ଚୋର ବୋଲି ଭାବି ପୋଲିସ୍‌କୁ ଧରାଇଦେଲା । ମୁଁ ସତ୍ୟ-କଥା କହିଲେ ବି ପୋଲିସ୍ ବିଶ୍ବାସ କଲା ନାହିଁ । ତା'ର ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା । ଧର୍ମାବତାର ! ମତେ ଦୟା କରନ୍ତୁ । ମୁଁ ଆଉ ନାସ୍ତିକ ନାହିଁ । ଆଜି ମୋର ଆତ୍ମବଡ଼ିମା ନାହିଁ । ଈଶ୍ବରଙ୍କଠାରେ ମୋର ପୂର୍ଣ୍ଣ ବିଶ୍ବାସ । ସେହି କରୁଣାମୟଙ୍କର କରୁଣାର ପ୍ରାର୍ଥୀ ମୁଁ ।”

ରାଜା ଧନୀଲୋକଟିକୁ ଚାହିଁ ପକାଇଲେ । ସେ କହିଲେ— “ଈଶ୍ବରଙ୍କର ଦୟା ଅସୀମ । ଆଖିପିଛୁଳାକେ ତାହା ଆସେ । ମୋତେ ତମେ ଚିହ୍ନିପାରୁଛ ? ମୁଁ ସେଇ ଲୋକ—ଯିଏ ପାଉଁଶ ଗଦାରେ ଫୁଙ୍ଗୁଳାହୋଇ ଗଡ଼ୁଥିଲି । ମୁଁ ତମ ଦାନ ଗ୍ରହଣ କରିବାକୁ ରାଜିହେଲି ନାହିଁ । ଈଶ୍ବରଙ୍କ ଦୟାରୁ ମୁଁ ଆଜି ରାଜା । ତମର ବି ବଗୁରିବ । ଭଗବାନଙ୍କ ଉପରେ ଆସ୍ଥା ରଖିଲେ ଦୁଃଖକଷ୍ଟ ସବୁ ଚାଲିଯାଏ । ଶେଷକୁ ମଣିଷ ଯଶସ୍ବୀ ହୁଏ ।”

ରାଜା ସାଙ୍ଗେ ସାଙ୍ଗେ ଆଦେଶ ଦେଲେ—"ଲୋକଟି ଯାହା କହୁଛି, ତାହା ସମ୍ପୂର୍ଣ୍ଣ ସତ୍ୟ । ସେ ନିରପରାଧୀ । ତାକୁ ମୁକ୍ତ କରି-ଦିଅ । ତା'ଠାରୁ ଜବତ ହୋଇଥିବା ମୁଦ୍ରାତକ ତାକୁ ଫେରସ୍ତ ଦେଇଦିଅ ।"

(ଈଶ୍ୱରଙ୍କଠାରେ ଆସ୍ଥା ରଖ । ସେ ସହାୟ ହେବେ ।)

ଦୁର୍ଭିକ୍ଷ

ମୋସୁଲ୍ । ଉତ୍ତର ବେବିଲନ (ଇରାକ)ର ଗୋଟିଏ ସହର । କେତେ ପୁରୁଷ ହେଲଣି, କେଜାଣି କହିହେବ ନାହିଁ । ଏଠି ହିନ୍ଦୁ ଓ ମୁସଲମାନ ଏକାଠି ରହିଆସୁଛନ୍ତି । ସେମାନେ ପରସ୍ପରର ପଡ଼ୋଶୀ । ସେମାନଙ୍କ ମଧ୍ୟରେ ଶ୍ରଦ୍ଧା, ସ୍ନେହ ଓ ଆନ୍ତରିକତା ଦେଖିଲେ ଈର୍ଷା ହୁଏ ।

ଆଗେ ସେମାନଙ୍କର ସମ୍ପର୍କ ଏପରି ନଥିଲା । ଏହା ଥିଲା ଏକ୍‌ଦମ୍ ଭିନ୍ନ । ଉଭୟ ସମ୍ପ୍ରଦାୟର ସମ୍ପ୍ରଦାୟର ସଯୁତାନମାନଙ୍କର କର୍ତ୍ତୃତ୍ୱ ସେମାନଙ୍କ ଉପରେ ଥିଲା । ଫଳରେ ଟିକିଏ ଟିକିଏ କଥାରେ ଖଣ୍ଡଯୁଦ୍ଧ ଲାଗି-ଯାଉଥିଲା । ଲୋକେ ଖଣ୍ଡିଆ ଖାବରା ହେଉଥିଲେ । ଉଭୟେ ଉଭୟଙ୍କୁ ଦୋଷ ଦେଉଥିଲେ । ସେମାନଙ୍କ ମଧ୍ୟରେ ଯେ ଭଲଲୋକ ନଥିଲେ, ତାହା ନୁହେଁ । କିନ୍ତୁ ସେମାନଙ୍କ କଥା କେହି ଶୁଣୁନଥିଲେ । ବରଂ ବିରୁଦ୍ଧ ଦଳକୁ ସାହାଯ୍ୟ କରୁଥିବାର ବଦନାମ ସେମାନଙ୍କର ଥିଲା । ତେଣୁ ଏଇ ଭଲାଲୋକମାନେ ଚୁପ୍ ହୋଇ ରହୁଥିଲେ ।

ଏପରି ଅବସ୍ଥା ସହରରେ ଲାଗିରହିଥିବା ବେଳେ ଥରେ ବର୍ଷା ବିଲ୍‌କୁଲ୍‌ ହେଲା ନାହିଁ । ଏମିତିକ ମାଟି ଟିକଏ ଓଦା ହେବା ପାଇଁ ଆକାଶରୁ ମୁନ୍ଦେ ପାଣିପଡ଼ିବା ବି ସ୍ୱପ୍ନ ହୋଇଗଲା । ଲୋକମାନେ ତ ସବୁବେଳେ ଆଶାବାଦୀ । ସେମାନେ ଭାବୁଥିଲେ—ପଂଚପର୍ବାଣୀରେ ବର୍ଷା ହୁଏ । ଏଥର ସେ ସମୟରେ ବର୍ଷା ହେବ । ସେ ସବୁ ଗଲା । ଆକାଶରେ ବାଦଲ ଖଣ୍ଡିଏ ବି ଦେଖାନାହିଁ । ଗଛପର୍ବ ଆସିଲା । ସେ ସମୟରେ ନାହିଁ ନ ଥିବା ବର୍ଷା ହୁଏ । ନଈ ନାଳ ପୂରିଯାଏ । ସେ ବି ଗଲା । ବାଦଲର ଛାଇ ବି ପଡ଼ିଲା ନାହିଁ । ଲୋକମାନେ ଦୀର୍ଘ-ନିଃଶ୍ୱାସ ପକାଇଲେଣି । ଏବର୍ଷ ଯେ ଦୁର୍ଭିକ୍ଷ ପଡ଼ିବ, ଏଥିରେ ଆଉ କାହାରି ସନ୍ଦେହ ନାହିଁ ।

ବର୍ଷା ଅଭାବରେ ଫସଲ ବିଲରେ ମଲା । ନଈ ନାଳରେ ପାଣି ଝୋପାଏ ନାହିଁ । ସବୁ ଶୁଖିଲା । ସବୁଠି ପାଣିର ଅଭାବ ।

ବଜାରରେ ଦର ହୁ ହୁ ହୋଇ ବଢ଼ୁଛି । ଗଲା ସପ୍ତାହରେ ଗହମ ଦର ଯାହା ଥିଲା, ଏ ସପ୍ତାହରେ ତା ଦ୍ୱିଗୁଣିତ ହୋଇଯାଇଛି । ଭୋକ ଶୋଷ ଉଭୟରେ ଲୋକ ଆଉଟୁ ପାଉଟୁ ହେଲେଣି ।

ଶୁକ୍ରବାର ଦିନ ମୁସଲମାନଙ୍କର ପବିତ୍ର ଦିବସ । ଏକାଠି ହୋଇ ସେମାନଙ୍କର ନମାଜ ପଢ଼ାଯାଏ । ବହୁ ଲୋକ ଏକାଠି ଜୁଟିବାରୁ ନାନା କଥା ପଡ଼େ । ଏବେ ତ କାହା ମନରେ ସୁଖ ନାହିଁ । ସମସ୍ତଙ୍କ ତୁଣ୍ଡରେ ଗୋଟିଏ କଥା । ସେ ହେଉଛି ଦୁର୍ଭିକ୍ଷ । ତେଣୁ ବର୍ଷା ବିଷୟରେ ଆଲୋଚନା ହୁଏ । ଅସୁବିଧା ପଡ଼ିଲେ, ଲୋକେ ଭଲ ଲୋକଙ୍କର ପରାମର୍ଶ ଲୋଡ଼ନ୍ତି । ଏବେ ସମସ୍ତେ ଭଲ ଲୋକଙ୍କୁ ପଚାରୁଛନ୍ତି—"କ'ଣ ଆମେ କରିବା ?"

ଭଲ ଲୋକମାନଙ୍କର ମତ—ଈଶ୍ୱର ସବୁ ନିୟନ୍ତ୍ରିତ କରନ୍ତି । ବର୍ଷା ହେବା ନ ହେବା ତାଙ୍କର ଦୟା । ଆମର କିଛି ତ୍ରୁଟି ଅଛି । ସେଥିପାଇଁ ଆଲ୍ଲା ବର୍ଷା କରାଉ ନାହାନ୍ତି । ଆମେ ସମସ୍ତେ ପ୍ରାର୍ଥନା କଲେ ଓ ତାଙ୍କୁ ବର୍ଷା କରିବା ପାଇଁ ନିବେଦନ କଲେ, ବର୍ଷା ହେବ ।

ଏ ବିପଦରେ, ଏ ପ୍ରକାର ପ୍ରସ୍ତାବର ବିରୁଦ୍ଧରେ ଯିବାର ସାହାସ, କାହାର ନଥିଲା । ପ୍ରସ୍ତାବ ଅନୁଯାୟୀ କାର୍ଯ୍ୟ ହେଲା । ମୋସୁଲର ସବୁଠାରୁ ବଡ଼ ମସ୍‌ଜିଦ୍‌ରେ ପ୍ରତି ଶୁକ୍ରବାର ଦିନ ପ୍ରାର୍ଥନା ଚାଲିଲା । କିନ୍ତୁ ସବୁ ନିଷ୍ଫଳ । ବୃଥା । ବର୍ଷା ହେଲା ନାହିଁ ।

ମୁସଲମାନମାନେ ଅନୁଭବ କଲେ—ତାଙ୍କର ପ୍ରାର୍ଥନା କିଛି କାମ ଦେଉନାହିଁ । ସେଥିପାଇଁ ତାଙ୍କର ମୌଲବିମାନଙ୍କର ପୁଣି ସଭା ହେଲା । ସଭାରେ ସ୍ଥିର ହେଲା—ଏଇ ସହରରେ ଆମେ ତ କେବଳ ରହୁ ନାହୁଁ । ଇହୁଦୀମାନେ ବି ରହୁଛନ୍ତି । ସେମାନେ ମଧ୍ୟ ବର୍ଷା ପାଇଁ ପ୍ରାର୍ଥନା କରିବା ଉଚିତ । ଏଥିପାଇଁ ମୌଲବିମାନେ ଇହୁଦୀ ଧର୍ମଯାଜକ ରାବିବ୍‌ମାନଙ୍କୁ ପ୍ରବର୍ତ୍ତାଇବେ ।

ତାହାହିଁ ହେଲା । ମୁସଲମାନମାନେ ସେମାନଙ୍କ ପଡ଼ୋଶୀ ଇହୁଦୀଙ୍କୁ କହିଲେ—"ଭାଇ, ଦୁର୍ଭିକ୍ଷ ମାଡ଼ିଆସୁଛି । ଏଇ ଦୁର୍ଭିକ୍ଷ ଆସିଲେ, ଆମ ଭିତରେ ଇହୁଦୀ ଓ ମୁସଲମାନର ବାଛ ବିଚାର ରହିବ ନାହିଁ । ସମସ୍ତେ ମରିଯିବା । ବଞ୍ଚିବାକୁ ହେଲେ, ଆମକୁ ଈଶ୍ୱରଙ୍କର ଆଶ୍ରୟ ନେବାକୁ ହେବ । ଆମେ ସମସ୍ତେ ଈଶ୍ୱରଙ୍କର ସନ୍ତାନ । ଆସ, ଆମ ଭିତରେ ଯେତେ ଭେଦଭାବ ଅଛି, ସବୁ ଭୁଲି-ଯିବା । ବର୍ଷା ପାଇଁ ପ୍ରାର୍ଥନା କରିବା । ଆମେ ତ ଆଗରୁ ସମବେତ ପ୍ରାର୍ଥନା କରିଛୁ । ଈଶ୍ୱର ଆମ ପ୍ରାର୍ଥନା ଶୁଣିଲେ ନାହିଁ । ତୁମେମାନେ ଏଥର ସମୂହ ପ୍ରାର୍ଥନା କର । ଈଶ୍ୱର ସନ୍ତୁଷ୍ଟ ହେଲେ ବର୍ଷା ହେବ ।"

ମୁସଲମାନମାନଙ୍କ କଥା ଇହୁଦୀମାନେ ନଶୁଣିବାର ବାଟ ନଥିଲା । ଦୁର୍ଭିକ୍ଷ ଯୋଗୁ ସେମାନେ ବି ଚିନ୍ତିତ । କିନ୍ତୁ ସମବେତ ଭାବରେ ଈଶ୍ୱରଙ୍କୁ ବର୍ଷାପାଇଁ ପ୍ରାର୍ଥନା କଥା ସେମାନେ ଭାବିନଥିଲେ ।

ଶନିବାର ଇହୁଦୀମାନଙ୍କର ପବିତ୍ର ଦିବସ । ସହରରେ ରହୁଥିବା ସବୁ ଇହୁଦୀମାନେ ସେଦିନ ଏକଜୁଟ ହେଲେ । ତାଙ୍କର ପୂର୍ବପୁରୁଷମାନଙ୍କ କବର ପାଖକୁ ଯାଇ ବଡ଼ ପାଟିରେ ସେଠି ସମସ୍ତେ ପ୍ରାର୍ଥନା କଲେ । କି କାତର ସେ ପ୍ରାର୍ଥନା ! କି ହୃଦୟସ୍ପର୍ଶୀ ତାଙ୍କର ନିବେଦନ । ସେମାନେ ସମସ୍ତେ କାନ୍ଦୁଥିଲେ । ଆଖିରୁ ତାଙ୍କର ଧାର ଧାର ହୋଇ ଲୁହ ବୋହିଯାଉଥିଲା ।

ସେମାନେ କାନ୍ଦି କାନ୍ଦି କହୁଥିଲେ—"ହେ ଦୟାମୟ ଈଶ୍ୱର, ଆମେ ତମର ସନ୍ତାନ । ଆମକୁ ତମେ ରକ୍ଷା କର । ବର୍ଷା ଆସୁ । ଏ ଧରଣୀ ହସୁ । ନହେଲେ, ଆମେ ଆମ ପିଲାଛୁଆ ସହିତ ଓ ଆମ ପଡ଼ୋଶୀ ମୁସଲମାନ ତାଙ୍କ ପିଲାଛୁଆ ସହିତ ମରିଯିବେ । ପ୍ରଭୁ ଆମକୁ ରକ୍ଷାକର ।"

ସେମାନଙ୍କର କାତର ପ୍ରାର୍ଥନା କରୁଣାମୟ ଈଶ୍ୱରଙ୍କର ହୃଦୟ ତରଳାଇଦେଲା । ଗୁଡ଼ୁଁ ଗୁଡ଼ୁଁ ଆକାଶ ବାଦଲରେ ଛାଇ ହୋଇଗଲା । ତା'ପରେ ମାଡ଼ିଆସିଲା ବର୍ଷା ।

ମୁସଲମାନମାନେ ଏ ଦୃଶ୍ୟ ଦେଖି ଚକିତ । ବର୍ଷା ଆସିବାରୁ ସେମାନେ ଆନନ୍ଦରେ ଉନ୍ମତ୍ତ । ଭେଦ ଭାବ, କଳିତକରାଳ ସବୁ ଯେମିତି ସେମାନେ ପାସୋରିଦେଲେ । ପାଗଳ ପରି ସେମାନେ ଧାଇଁଲେ—ଇହୁଦୀମାନଙ୍କର ପୂର୍ବପୁରୁଷଙ୍କ କବରଖାନା ପାଖକୁ । ସେଠି ଇହୁଦୀମାନେ ଥିଲେ । ସେମାନେ ମୁସଲମାନମାନଙ୍କୁ ଦେଖି ଖୁବ୍ ଖୁସି ହେଲେ । ଉଭୟେ କୁଣ୍ଢାକୁଣ୍ଢି ହେଲେ । ମୁସଲମାନମାନେ

ଭିକ୍ଷୁଣୀମାନଙ୍କୁ କାନ୍ଧରେ ବସାଇଲେ । ତା'ପରେ ଆନନ୍ଦରେ ଗୀତ ଗାଇ ଗାଇ ଘରକୁ ଫେରିଲେ । ବିପଦରେ ପଡ଼ିଲେ ଭ୍ରାତୃଭାବ ଆସେ । ସେ ଭ୍ରାତୃଭାବ ଚିରସ୍ଥାୟୀ ହୁଏ ।

ସେ ତ କେଉଁ କାଳର କଥା । ସେ କଥା ଏପର୍ଯ୍ୟନ୍ତ ଲୁଚିଯାଇ ନାହିଁ । ସେଇଦିନୁ ହିନ୍ଦୁ ଓ ମୁସଲମାନମାନଙ୍କର ଅଭେଦ ପ୍ରୀତି । ଉଭୟେ ସୁଖଶାନ୍ତିରେ, ଭାଇ ଭାଇ ଭଳି ଚଳି ଆସୁଛନ୍ତି । ସେଠି ପୂର୍ଣ୍ଣ ଶାନ୍ତି ବିରାଜୁଛି ।

(ବିପଦରେ ପଡ଼ିଲେ ଭ୍ରାତୃଭାବ ଆସେ ଏବଂ ଏହା ଚିରସ୍ଥାୟୀ)

ପ୍ରାର୍ଥନା

ଗୋଟିଏ ସହର । ତା'ର ବାସିନ୍ଦାମାନେ ଧର୍ମପରାୟଣ । ସେମାନଙ୍କର ଈଶ୍ୱରଙ୍କ ଉପରେ ଅଗାଧ ଆଉ ଅଟଳ ବିଶ୍ୱାସ । ପ୍ରତି କଥାରେ ସେମାନେ ଭଗବାନଙ୍କ ଉପରେ ନିର୍ଭରଶୀଳ । ଏମିତିକି ଯେଉଁ ଦିନର ଯାହା ରୋଜଗାର ସେମାନଙ୍କର ହୁଏ, ତାହା ସେମାନେ ସେଇଦିନ ଖର୍ଚ୍ଚ କରିଦିଅନ୍ତି । ପରଦିନକୁ କିଛି ରଖନ୍ତି ନାହିଁ । ସେମାନଙ୍କ ମତରେ ଭଗବାନ ଆଜି ପାଇଁ ଯାହା ଦେଇଛନ୍ତି, ଆଜି ତାକୁ ହିଁ ଶେଷ କରିବାକୁ ହେବ । କାଲିକୁ ତ ସେ ପୁଣି ବ୍ୟବସ୍ଥା କରିବେ । ସେଥିପାଇଁ ଆଜିଠାରୁ ଖେଣ୍ଟି କାଲିକୁ ରଖିବା ଅନ୍ୟାୟ । ଭଗବାନଙ୍କର ବିରୁଦ୍ଧାଚରଣ । ଫଳରେ ସେ ସହରରେ ସମସ୍ତେ ସୁଖରେ ଥିଲେ । ସବୁଠି ଶାନ୍ତି ବିରାଜମାନ କରୁଥିଲା । କାହାରି କିଛି ଅସୁବିଧା ହେଉନଥିଲା । କିନ୍ତୁ ତାଙ୍କ ଭିତରେ କେହି ଧନୀଲୋକ ନଥିଲେ ।

ସେହି ସହରର ବାସିନ୍ଦା ମଧ୍ୟରୁ ଜଣକର ନାମ ମେଥ୍ୟୁର । ସେ ଜଗୁଆଳି କାମ କରେ । ତା କାମ ସେ ନିପୁଣ ଭାବରେ ତୁଲାଏ । ତା'ର ମାଲିକ ମତରେ ସେ କର୍ମଠ । ନିଷ୍ଠାପର । ସଚ୍ଚୋଟ । ମାଲିକ ତା କାମରେ ସନ୍ତୁଷ୍ଟ ।

ମେଥ୍ୟୁର ବିବାହିତ । ଘରେ ତା' ସ୍ତ୍ରୀ । ସେମାନେ ନିଃସନ୍ତାନ ।

ସହରର ସବୁଲୋକଙ୍କ ଠାରୁ ମେଥ୍ୟୁରର ସ୍ତ୍ରୀ ଭିନ୍ନ । ବ୍ୟତିକ୍ରମ । ସେ ଈଶ୍ୱରଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ନୁହେଁ । ସବୁବେଳେ ସେ ତା'ର ସ୍ୱାମୀକୁ କହେ—"ଆମର ତ ପିଲାଛୁଆ ନାହାନ୍ତି । ତେଣୁ ବୁଢ଼ା ଦିନେ ଆମର ତତ୍ତ୍ୱ କେହି ନେବେ ନାହିଁ । ଆମକୁ କିଛି ସଞ୍ଚୟ କରିବାକୁ ହେବ । ଏଇ ସଞ୍ଚିତ ଧନ, ଆମକୁ ଆମର ବୁଢ଼ା ଦିନେ ସାହାଯ୍ୟ କରିବ ।"

ମେଥ୍ୟୁର କିନ୍ତୁ ସ୍ତ୍ରୀ କଥାରେ ରାଜି ହୋଇପାରେ ନାହିଁ । ବରଂ ସେ କହେ—"ଈଶ୍ୱର ଏ ବିଶ୍ୱର ପାଳନକର୍ତ୍ତା । ଆମେ ତାଙ୍କ ଉପରେ ନିର୍ଭର କଲେ, ସେ ଆମକୁ କେବେହେଲେ ବିପଦରେ ପକାଇବେ ନାହିଁ ।"

ସ୍ତ୍ରୀ କିନ୍ତୁ ତା କଥାରେ ରାଜି ହୋଇପାରେ ନାହିଁ । ସେମାନେ କିଛି କିଛି ସଞ୍ଚୟ କରିବାକୁ ତା'ର ଜିଦ୍ । ସେଥିପାଇଁ ସେ ମେଥ୍ୟୁରକୁ ବାଧ୍ୟ କରେ । ସେତେବେଳେ ମେଥ୍ୟୁର ଆଖିବୁଜି ଭଗବାନଙ୍କୁ ଡାକେ ।

ସ୍ତ୍ରୀ ତା'ର କ ଥାକୁ ଛାଡ଼େ । ବାରମ୍ବାର ବୁଢ଼ା ଦିନର ଅସହାୟ ଅବସ୍ଥାକୁ ସେ ଦେଖାଇଦିଏ । ମଣିଷ ମନ ତ ! ବେଳେ ବେଳେ ମେଥ୍ୟୁରର ମନ ସଙ୍କୁଚିତ ହୋଇଆସେ । ସେ ଅସହାୟ ବୋଧ କରେ । ଶାନ୍ତି ପାଇବାକୁ ଭଗବାନଙ୍କୁ ଡାକେ । ଏଇ ଖରାପ କଥା ତା ମନକୁ ନ ଆସୁ, ସେଥିପାଇଁ ସେ ପ୍ରାର୍ଥନା କରେ ।

ଈଶ୍ୱର ସର୍ବଶକ୍ତିମାନ । ମଙ୍ଗଳମୟ । ସମସ୍ତଙ୍କର ଠିକ ଜନ୍ମ ଗଣ୍ଡବଧି ତାଙ୍କୁ ଅଛପା ନୁହେଁ । ମେସ୍ତ୍ରର ମନରେ ଆସୁଥିବା ଦ୍ୱନ୍ଦ୍ୱ ଭଗବାନ ଜାଣିପାରିଲେ । ସେ ଯମରାଜାଙ୍କୁ ଡାକ କହିଲେ—"ଏଇ ସହରରେ, ସମସ୍ତ ଗୃହକର୍ତ୍ତାଙ୍କର ମୋ ଉପରେ ଅଟଳ ବିଶ୍ୱାସ । ମେସ୍ତ୍ରର ତାର ବ୍ୟତିକ୍ରମ ହେବାକୁ ଯାଉଛି । କାଳକ୍ରମେ ସନ୍ଦେହ ତାକୁ ଗ୍ରାସ କରିବ । ଅନ୍ୟମାନେ ତା ଚନ୍ତାଧାରାରେ ପ୍ରଭାବିତ ହେବେ । ଏକଥା ମୁଁ କରାଇଦେବାକୁ ଚାହେଁ ନାହିଁ । ତୁମେ ଯାଅ ମେସ୍ତ୍ରରର ସନ୍ଦେହ ଦୂରୀଭୂତ ହେବା ପୂର୍ବରୁ ତାକୁ ନେଇ ଆସ ।"

ଯମରାଜା ଈଶ୍ୱରଙ୍କ କଥା ମାନିଲେ । ନିଜେ ଜଣେ ମୂଲିଆ ବେଶରେ ମେସ୍ତ୍ରର ଘରେ ପହଞ୍ଚିଲେ । ହାତରେ ତାଙ୍କର ଦୁଇଟି ବସ୍ତା ଅଟା । ସେତେବେଳକୁ ମେସ୍ତ୍ରର ଘରେ ଅନୁପସ୍ଥିତ । କାମକୁ ଯାଇଥିଲା । ଫେରି ନାହିଁ । ଯମରାଜା ମେସ୍ତ୍ରରକୁ ଅପେକ୍ଷା କଲେ ।

ମେସ୍ତ୍ରର ଫେରିବାରୁ ଯମରାଜା ତାକୁ କହିଲେ—"ଜଣେ ଧନୀ ଲୋକ ମୋତେ ଏ ଦୁଇ ବସ୍ତା ଅଟା ଦେଇଛନ୍ତି । ଏହା ଏଇ ସହରର ଲୋକଙ୍କ ମଧ୍ୟରେ ବଣ୍ଟାଯିବ । ତୁମେ ଏତକ ନିଅ । ସହରର ଲୋକଙ୍କ ମଧ୍ୟରେ ବାଣ୍ଟିଦିଅ । କିନ୍ତୁ ଏ ଅଟାରୁ ତୁମେ ଯେମିତି କିଛି ତମ ପାଇଁ ରଖିବ ନାହିଁ ।"

ମେସ୍ତ୍ରର କିଛି ଆପତ୍ତି କଲା ନାହିଁ । ଅଟା ବାଣ୍ଟିବାକୁ ଚାଲିଗଲା । ଘରକୁ ଘର ବୁଲିଲା । ସମସ୍ତଙ୍କୁ ଅଟା ଯାଚିଲା । କିନ୍ତୁ ଆଶ୍ଚର୍ଯ୍ୟ । ଜଣେ ହେଲେ କେହି ଲୋକ ତା'ଠାରୁ ଅଟା ଗ୍ରହଣ କଲେନାହିଁ । ବରଂ ସେମାନେ ତାକୁ କହିଲେ—"ଆଜି ପାଇଁ ଆମର ଯାହା ଅଟା ଦରକାର, ଆମେ ନେଇ ଆସିଛୁ । କାଲି ପାଇଁ

ଆମେ ଭଗବାନଙ୍କ ଉପରେ ନିର୍ଭରଶୀଳ । ସେ ଅଣ୍ଡା ଯୋଗାଇ ଦେବେ । ଆମେ ଏ ଅଣ୍ଡା ନେଇ କ'ଣ କରିବୁ ?"

ପୂରା ସହରଟା ଯାକ ବୁଲି ବୁଲି ମେୟର କ୍ଲାନ୍ତ । ଶେଷକୁ ସେ ଘରକୁ ଫେରିଲା । ଅଣ୍ଡା ଦୁଇବସ୍ତା ଯେଉଁ ଅବସ୍ଥାରେ ନେଇଥିଲା, ସେଇ ଅବସ୍ଥାରେ ସେ ଫେରାଇଦେଲା । ଲୋକମାନେ ଯାହା କହିଥିଲେ, ସେଇ କଥା ସେ ଯମରାଜାଙ୍କୁ କହିଲା ।

ଯମରାଜା କହିଲେ—"ସାରା ସହରର ଲୋକଙ୍କର ଈଶ୍ୱରଙ୍କ ଉପରେ ବିଶ୍ୱାସ ଅଛି । ଯେତେବେଳେ ତୁମେ ଅଣ୍ଡା ବାଣ୍ଟିବା ପାଇଁ ନେଲ, ସେଥିରୁ ଜଣାଗଲା ଯେ ତୁମର ଈଶ୍ୱରଙ୍କ ଉପରେ ଅଟଳ ବିଶ୍ୱାସ ନାହିଁ । ମୁଁ ଯମରାଜା । ତମ ମନରେ ସନ୍ଦେହ ହେଉଥିବାରୁ ମୁଁ ତମର ଆତ୍ମାକୁ ନେବାକୁ ଆସିଛି ।"

ଏକଥା ଶୁଣି ମେୟର ଖୁବ୍ ଡ଼ରିଗଲା । ତା'ର ଦୋଷ କଥା ସେ ସ୍ୱୀକାର କଲା । ଯମରାଜାଙ୍କୁ କହିଲା—"ମୋର ପାପ ପାଇଁ ଈଶ୍ୱରଙ୍କ ପାଖରେ ମୋର ପ୍ରାର୍ଥନା କରିବା ଦରକାର । ମୋର ପ୍ରାର୍ଥନା ଯେମିତି ସରିବ, ସେମିତି ତୁମେ ମୋର ଆତ୍ମାକୁ ନେଇଯିବ । ସେ ପର୍ଯ୍ୟନ୍ତ ମୋତେ ସମୟ ଦିଅ ।"

ଯମରାଜାଙ୍କର ଏଥିରେ ଆପତ୍ତି କରିବାର କିଛି ନଥିଲା । ତେଣୁ ସେ ରାଜି ହୋଇଗଲେ । ନିଜର ବାହାଦୁରି ଦେଖାଇବା ପାଇଁ କହିଲେ—"ତୁ ପ୍ରାର୍ଥନା ଶେଷ ନକଲେ, ମୁଁ ତୋର ଆତ୍ମାକୁ ଜମା ନେବି ନାହିଁ ।"

ମେୟର ପ୍ରାର୍ଥନା ଆରମ୍ଭ କଲା । ସେ ମନେ ମନେ ଭାବିଲା— ପ୍ରାର୍ଥନା ଶେଷ କଲେ ଯିନା ଯମରାଜା ମୋ ଆତ୍ମାକୁ ନେବେ । ଏହା ତାଙ୍କର ସ୍ୱୀକୃତ । ମୁଁ ଯଦି ପ୍ରାର୍ଥନା ଶେଷ ନ କରେ, ସେ ମୋର

ଆତ୍ମାକୁ ନେଇପାରିବେ ନାହିଁ । ତେଣୁ ସେ ପ୍ରାର୍ଥନା ଆରମ୍ଭ କରେ । କେବେହେଲେ ଶେଷ କରେନାହିଁ ।

ଯମଦେବତା ମହା ଅଡୁଆରେ ପଡ଼ିଗଲେ । ସେ ତ କଥା ଦେଇଛନ୍ତି ଯେ ମେଯ୍ବର ପ୍ରାର୍ଥନା ଶେଷ କଲେ, କେବଳ ତା'ର ଆତ୍ମାକୁ ନେବେ । ତାଙ୍କ କଥାକୁ ସେ ପରିବର୍ତ୍ତନ କରିପାରିବେ ନାହିଁ । ତେଣୁ ସେ ସେଠୁ ଚାଲିଗଲେ ।

ମେଯ୍ବର ସମସ୍ତ କଥା ତା ସ୍ତ୍ରୀ ଆଗରେ କହିଲା । ସବୁକଥା ଶୁଣିସାରି ସ୍ତ୍ରୀ ତା'ର କହିଲା—"ଏଠି ଥିଲେ ସିନା ଯମରାଜା ଆସି ତମ ଆତ୍ମାକୁ ନେଇଯିବେ । ଚାଲ ପଳେଇବା । ଅନ୍ୟଗୋଟିଏ ସହରରେ ରହିବା । ଯମଦେବତା ଜାଣିପାରିବେ ନାହିଁ । ତେଣୁ ତମ ଆତ୍ମାକୁ ତାଙ୍କର ନେବାର ପ୍ରଶ୍ନ ଉଠିବ ନାହିଁ ।"

କଥାଟା ମେଯ୍ବର ମନକୁ ପାଇଲା । ସେମାନେ ସେଇଆ କଲେ ।

କିଛିଦିନ ପରେ ମେଯ୍ବର ଯେଉଁ ସହରରେ ରହୁଥିଲା, ଜଣେ ଧନୀଲୋକ ଭାବରେ ଯମରାଜା ସେଠି ପହଞ୍ଚିଗଲେ । ନଗରର ଦ୍ୱାରପାଳ ଠାରୁ ମେଯ୍ବରର ଠିକଣା ବୁଝିଲେ । ଦ୍ୱାରପାଳଟି ଧନୀ-ଲୋକର ମେଯ୍ବର ପାଖକୁ ଆସିବାର ଉଦ୍ଦେଶ୍ୟ କ'ଣ, ତାହା ଜାଣିବାକୁ ଚାହିଁଲା । ଧନୀଲୋକଟି କହିଲେ—"ମୁଁ ଜଣେ ଇହୁଦୀ । ମେଯ୍ବର ଜଣେ ଇହୁଦୀ । ମୋର ସେ ବହୁଦିନର ପରିଚିତ । ମୁଁ ତା'ର ଅତିଥି ହୋଇ କିଛିଦିନ କଟାଇବାକୁ ଆସିଛି ।"

ଦ୍ୱାରପାଳ କହିଲା—"ମହାଶୟ, ମେଯ୍ବର ଜଣେ ଗରିବ ଲୋକ । ନିଜ ଖାଦ୍ୟ ସଂଗ୍ରହ କରିବାକୁ ତାକୁ କଷ୍ଟ ହୁଏ । ଆପଣଙ୍କ ଭଳି ଧନୀ ସମ୍ଭ୍ରାନ୍ତ ଲୋକଙ୍କୁ ଚଳାଇବା ତା ପକ୍ଷେ ମୁସ୍କିଲ ହେବ ।"

ଏ ସହରରେ ବହୁ ଧନୀ ଇହୁଦୀ ଅଛନ୍ତି । ଆପଣ ରାଜି ହେଲେ, ସେମାନଙ୍କ ଘରେ ଆପଣଙ୍କୁ ଅତିଥି ମୁଁ କରାଇଦେବି ।"

ଧନୀଲୋକ କହିଲେ—"ମୁଁ ଯେତେବେଳେ ମେୟରର ଅତିଥି ହେବି ବୋଲି ସିଦ୍ଧାନ୍ତ ନେଇଛି, ମୋର ଅନ୍ୟ କେଉଁଠି ରହିବାର ପ୍ରଶ୍ନ ଉଠୁନାହିଁ । ମୋତେ ତା'ର ଠିକଣା ଦିଅ ।"

ଠିକଣା ନେଇ, ମେୟରଙ୍କ ଘରେ ଧନୀ ଲୋକଟି ପହଞ୍ଚିଗଲେ । ନୂତନ ଅତିଥିଙ୍କୁ ଦେଖି ମେୟର ଦମ୍ପତିଦ୍ୱୟ ଖୁବ୍ ଖୁସି । କିଛି ଦିନ ଚାଲିଗଲା । ମେୟର ସ୍ତ୍ରୀ ଦେଖିଲା ଯେ ଅତିଥି ଆସିବାଦିନୁ ତାଙ୍କୁ କିଛି ଖର୍ଚ୍ଚ କରିବାକୁ ପଡୁନାହିଁ । ଅତିଥି ସବୁ ଚଳାଇ ନେଉଛନ୍ତି । ସେଥିଯୋଗୁ ସେମାନଙ୍କର ଆନନ୍ଦର ଆଉ ସୀମା ନାହିଁ ।

ମେୟର ପ୍ରତିଦିନ ପ୍ରାର୍ଥନା କରେ । ଧନୀଲୋକ ମେୟରର ପ୍ରାର୍ଥନା କାନ ଦେଇ ଶୁଣନ୍ତି । କିନ୍ତୁ ମେୟର ପ୍ରାର୍ଥନାକୁ ଶେଷ କରେ ନାହିଁ । ପ୍ରାର୍ଥନାକୁ ସେ ସବୁଦିନ ଖଣ୍ଡିଆ କରି ରଖେ ।

ଧନୀଲୋକ ଘରି ଅଳସୁଆ । ନ ଉଠାଇଲେ ସେ ଉଠନ୍ତି ନାହିଁ । ତେଣୁ ପ୍ରତିଦିନ ମେୟର ସ୍ତ୍ରୀ ଧନୀଲୋକ ଶୋଇବା ଘରେ ପଶେ । ତାଙ୍କୁ ଉଠାଏ ।

ଦିନକର କଥା । ମେୟର ସ୍ତ୍ରୀ ଧନୀଲୋକର ଶୋଇବା ଘରେ ପଶି ଦେଖେ ତ ଧନୀଲୋକ ଛଟପଟ ହେଉଛନ୍ତି ସତେକି ତାଙ୍କର ପ୍ରାଣ ଛାଡ଼ିବାକୁ ଅଳ୍ପ ସମୟ ବାକି । ସେ ଧାଇଁଯାଇ ତା'ର ସ୍ୱାମୀକୁ ଡାକି ଆଣିଲା । ତାକୁ ସେ କହିଲା—"ପ୍ରାର୍ଥନା ବଡ଼ ପାଟିରେ ଗାଅ । ଧନୀଲୋକଟି ଏଇନେ ମରିଯିବ । ତାକୁ ଆମେ ଗୁପ୍ତରେ କବର ଦେଇଦେବା । ତା ପାଖେ ତ ବହୁତ ଧନ ଅଛି । ସେସବୁ ଆମର ହୋଇଯିବ ।"

ମେୟୂର ପ୍ରଥମେ ପ୍ରଥମେ ତା ସ୍ତ୍ରୀ କଥାରେ ରାଜି ହେଉ ନ ଥିଲା । କିନ୍ତୁ ସ୍ତ୍ରୀ କ'ଣ ତାକୁ ଛାଡ଼େ ? ସେ କାକୁତି ମିନତି ହୋଇ ତାକୁ ଅନୁରୋଧ କଲା । ଶେଷକୁ କାନ୍ଦିଲା । ବାରମ୍ବାର ଧର୍ମାଳୟର ଧନ ତାଙ୍କର ହୋଇଯିବ ବୋଲି ଶୁଣି ଶୁଣି ମେୟୂରର ଲୋଭ ହେଲା । ଲୋଭ ଗ୍ରାସ କରିବାରୁ ସେ ପ୍ରାର୍ଥନା ଶେଷ କଲେ ଯେ ମରିଯିବ, ସେ କଥା ଭୁଲିଗଲା । ତା'ପରେ ସେ ଧର୍ମାଳୟର ବଣ୍ଟଣା ପାଖରେ ବସି-ପଡ଼ିଲା । ଇହୁଦୀମାନଙ୍କର ପ୍ରିୟତମ ପ୍ରାର୍ଥନା 'ଓଃ ଇସ୍ରାଇଲ୍' ସେ ବଡ ପ୍ରୀତିରେ ଗାଇବାକୁ ଆରମ୍ଭ କଲା । ପ୍ରାର୍ଥନା ଯେମିତି ଶେଷ ହୋଇଛି, ଯମଦେବତା ବଣ୍ଟଣାରୁ ଡେଇଁପଡ଼ିଲେ । ମେୟୂରର ଆତ୍ମାକୁ ଧରି ନେଲେ । ମୁହୂର୍ତ୍ତକ ମଧ୍ୟରେ ମେୟୂରର ଶବ ସେଠି ପଡ଼ିରହିଲା ।

[ଲୋଭ ମୋହ ଭୟଙ୍କର । ଥରେ ତାହା ଗ୍ରାସିଲେ, ମଣିଷ ନ୍ୟାୟ ଅନ୍ୟାୟ ଭୁଲିଯାଏ ।]

ଗୁପ୍ତ ସାଧୁ

ବିବାହର ଦଶବର୍ଷ ହୋଇଗଲା । ତଥାପି ପିଲାଛୁଆ କିଛି ନାହାନ୍ତି । ସେଥିପାଇଁ ସ୍ୱାମୀ ସ୍ତ୍ରୀ ଉଭୟଙ୍କର ମନ କଷ୍ଟ ।

ପୁରୁଷ ଭାଗ୍ୟବାଦୀ । ଭଗବାନଙ୍କ ଉପରେ ତାର ସମ୍ପୂର୍ଣ୍ଣ ନିର୍ଭର । ସେ ଭାବେ—ଭାଗ୍ୟ କେହି ବଦଳାଇ ପାରିବେ ନାହିଁ । ମନ କଷ୍ଟ କରି ଲାଭନାହିଁ । ସ୍ତ୍ରୀକୁ ତା'ର ସେ ସାନ୍ତ୍ୱନା ଦିଏ ।

ସ୍ତ୍ରୀ କିନ୍ତୁ ସ୍ୱାମୀଠାରୁ ଭିନ୍ନ । ସେ ଭାଗ୍ୟବାଦୀ ନୁହଁ । ଭାଗ୍ୟ ସାଥିରେ ଲଢ଼ିବାକୁ ସେ ପ୍ରସ୍ତୁତ । ତା ମତରେ ମଣିଷ ଯାହା ଚାହିଁବ, ତାହା ହାସଲ କରିପାରିବ । ସେଥିପାଇଁ ତାକୁ ବହୁତ କଷ୍ଟ ଭୋଗିବାକୁ ହେବ ।

ସେ କହେ—ପିଲା ନହେଲେ ସଞ୍ଚିତ ଅର୍ଥ ମୂଲ୍ୟହୀନ । ଘର ସଂସାର ନର୍କ ।

ପିଲା ହେବାପାଇଁ ସେ ବହୁତ ଉଦ୍ୟମ କଲା । ଏପରି ଡାକ୍ତର ନାହିଁ, ଯାହା ପାଥିରେ ସେ ପରାମର୍ଶ କରି ନାହିଁ । ସମସ୍ତଙ୍କ ଦ୍ୱାରା ସେ ପରୀକ୍ଷିତ । ସମସ୍ତଙ୍କ ଉପଦେଶ ସେ ଅକ୍ଷରେ ଅକ୍ଷରେ ପାଳିଛି । ତଥାପି ଫଳ କିଛି ହେଲା ନାହିଁ । ସେଥିପାଇଁ ସେ ଦୁଃଖିତ ନୁହଁ । ସେ ଆଶାବାଦୀ । ଆଶା ତା'ର ବିସ୍ତୃତ । ସୀମାହୀନ । ଏବେ ଦାନ ଧର୍ମ ପୂଣ୍ୟରେ ତାର ମନ । ପ୍ରାର୍ଥନାରେ ଘଣ୍ଟା ଘଣ୍ଟା ଧରି ବସେ ।

ସେ ଶୁଣିବାକୁ ପାଇଲା ଯେ ଓ୍ୱାରସରେ ଜଣେ ରବ୍‌ବି ଅଛନ୍ତି । ତାଙ୍କ ଆଶୀର୍ବାଦ ସବୁବେଳେ ସାର୍ଥକ ହୁଏ । ଯେ ସେବା କରିପାରେ, ତାକୁ ଆଶୀର୍ବାଦ ମିଳିଯାଏ ।

ପୋଲଣ୍ଡରେ ତାର ଘର । ଓ୍ୱାରସ ବହୁତ ବାଟ । ସୁବିଧା ରାସ୍ତା ସେତେବେଳେ ନଥିଲା । ତା ମତରେ ମଣିଷର ଅପହଞ୍ଚ କିଛି ନାହିଁ । ସେ ଚାହିଁଲେ ସବୁଠି ପହଞ୍ଚିପିବ ।

ଦୂରତା କି ଅସୁବିଧା ରାସ୍ତା ତା'ର ପ୍ରତିବନ୍ଧକ ହେଲା ନାହିଁ । ସେ ଓ୍ୱାରସରେ ରବ୍‌ବିଙ୍କ ପାଖରେ ପହଞ୍ଚିଗଲା ।

ମନ ପ୍ରାଣ ଦେଇ ସେ ରବ୍‌ବିଙ୍କୁ ସେବାକଲା । ରବ୍‌ବି କେବଳ ନୁହନ୍ତି, ଆଶ୍ରମର ସମସ୍ତେ ତା'ର ବ୍ୟବହାର ଦେଖି ଆଶ୍ଚର୍ଯ୍ୟ । ତା'ର ସେବା ଦେଖି ବିସ୍ମିତ । ସମସ୍ତେ ତା ଉପରେ ସନ୍ତୁଷ୍ଟ ।

ସେଦିନ ରବ୍‌ବି ଏକୁଟିଆ ଥାଆନ୍ତି । ସ୍ତ୍ରୀ ଲୋକଟି ତାଙ୍କର ସେବା କରୁଥାଏ । ହଠାତ୍ ସ୍ତ୍ରୀଲୋକଟି କାନ୍ଦିଉଠିଲା । କି କରୁଣ ସେ କାନ୍ଦ ! ରବ୍‌ବି ବ୍ୟସ୍ତ ହୋଇଉଠିଲେ । କାନ୍ଦିବାର କାରଣ ପଚାରିଲେ ।

ସ୍ତ୍ରୀ ଲୋକଟି କହିଲା—"ରବ୍‌ବି ମହାଶୟ । ମୁଁ ବଡ଼ ଦୁଃଖିନୀ । ବିବାହ ଦଶ ବର୍ଷରୁ ଟପିଗଲା । କୋଳରେ ପିଲାଟିଏ ନାହିଁ । କାହା ପାଇଁ ଖଟୁଛି ଓ କାହା ପାଇଁ ଘଟୁଛି, ମୁଁ ଜାଣି ପାରୁ ନାହିଁ । ଆପଣ ଯଦି ଆଶୀର୍ବାଦ ଦେବେ, ମୁଁ ମୁକ୍ତ ହେବି । ମୋର କୋଳରେ ଶିଶୁଟିଏ ହେବ ।"

ରବ୍‌ବି ତ ସ୍ତ୍ରୀଲୋକର ସେବାରେ ସନ୍ତୁଷ୍ଟ । ତା ପ୍ରତି ତାଙ୍କର ଦରଦ ବହୁତ । ସେ ପଚାରିଲେ—"ମା, ତୁମେ କେଉଁଠୁ ଆସିଛ ?"

ସ୍ତ୍ରୀଲୋକର ଉତ୍ତର ଶୁଣି ରବ୍‌ବିଙ୍କ ମୁହଁରେ ଟିକିଏ ହସ । ସେ କହିଲେ—"ମା, ତମ ଗାଁରେ ଜଣେ ସାଧୁ ଅଛନ୍ତି । ସେ ସିଦ୍ଧ-ପୁରୁଷ । ତମକୁ ଆଶୀର୍ବାଦ ଦେବାକୁ ସେ ହିଁ କେବଳ ସମର୍ଥ । ତୁମେ ତାଙ୍କ ପାଖକୁ ଯାଅ । ଅନୁନୟ କର । ସେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ ଦେବେ । ତମର ମନସ୍କାମନା ପୂର୍ଣ୍ଣ ହୋଇଯିବ ।"

ସ୍ତ୍ରୀଲୋକଟି ରବ୍‌ବିଙ୍କ କଥା ଶୁଣି ଆଶ୍ଚର୍ଯ୍ୟ । ଆଖି ତାର ବିସ୍ଫାରିତ । ସେ କହିଲା—"ରବ୍‌ବି ମହାଶୟ, ସେଇଟା ମୋ ଗାଁ । ସେ ଗାଁର ବଗଡ଼ ପିଲା ମୋର ପରିଚିତ । ସେ ଗାଁରେ ସାଧୁ କେହି ନାହାନ୍ତି । ମୁଁ ଶପଥ କରି କହି ପାରିବି ।"

ରବ୍‌ବି କହିଲେ—"ତମ ଗାଁରେ କେହି ପାଣିପାଳ ଅଛନ୍ତି କି ?"

ସ୍ତ୍ରୀ ଲୋକଟିର ଉତ୍ତର ଥିଲା—"ଆଜ୍ଞା ହଁ । ସେଇଟା ଗୋଟେ ଅଧା ପାଗଳ । ତାର ଗୋଟିଏ ବୁଢ଼ୀମା ଅଛି । ସେମାନେ ଗୋଟିଏ ଝୁମ୍ପୁଡ଼ିଘରେ ରହନ୍ତି ।"

ସନ୍ତ କହିଲେ—"ସେ ପାଗଳ ନୁହଁନ୍ତି । ସେ ମହାପୁରୁଷ । ଅଜ୍ଞାତରେ ସେ ସେଠି ଅଛନ୍ତି । ତୁମେ ସେ ମହାତ୍ମାଙ୍କ ପାଖକୁ ଯିବ । ଆଶୀର୍ବାଦ ତାଙ୍କୁ ଦେବାକୁ କହିବ । ସେ ଆଶୀର୍ବାଦ ନଦେବା ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିବ ନାହିଁ । ତାଙ୍କ ଆଶୀର୍ବାଦ ଅନ୍ୟଥା ହେବ ନାହିଁ ।"

ସ୍ତ୍ରୀଲୋକଟି ତାର କାନକୁ ବିଶ୍ୱାସ କରିପାରିଲା ନାହିଁ । ଆଉ ସେ କ'ଣ କହିବାକୁ ଚାହୁଁଥିଲା, କିନ୍ତୁ ସେତେବେଳକୁ ସନ୍ତ ସେଠାରେ ଆଉ ନଥିଲେ ।

ସେଇଦିନ ସନ୍ତଙ୍କ ଆଶ୍ରମ ଛାଡ଼ି ସ୍ତ୍ରୀ ଲୋକ ତା ଗାଁକୁ ବାହାରିଲା । ମନରେ ତା'ର ଉତ୍କଣ୍ଠା । ବାଟରେ ସେ ବିଶ୍ରାମ ନେଇ ପାରିଲା ନାହିଁ । ସେ ଧାଇଁ ଧାଇଁ ଆସିଲା । ଘରେ ପହଞ୍ଚି ବି ସେ ବିଶ୍ରାମ ନେଲା ନାହିଁ । ପରଦିନ ସକାଳ ପର୍ଯ୍ୟନ୍ତ ଅପେକ୍ଷା କଲା ।

ସକାଳୁ ଉଠି ଧାଇଁଲା ସେ ପାଣିବାଲାର ଝୁମ୍ପୁଡ଼ିକୁ । ସେଠି ପାଣିବାଲା ନ ଥିଲା । କୂଅମୂଳକୁ ପାଣି ପାଇଁ ସେ ଯାଇଥିଲା । ପାଣି-ବାଲାର ଅଭ୍ୟାସ—ରାତି ଥାଇ ଉଠେ । ପାଣି ଘର ଘର କରି ନାଗୁଆ ଘରେ ପାଣି ଦିଏ ।

ସ୍ତ୍ରୀଲୋକଟି କୂଅମୂଳକୁ ଗଲା । ସେଠି ପାଣିବାଲା ପାଣି ଘଡ଼ିରେ ଧରି ଜଣକ ଘରକୁ ବାହାରିଥାଏ । ପାଣିର ଓଜନରେ ସେ ନଇଁ ପଡ଼ୁଥାଏ ।

ତାକୁ ଦେଖି ସ୍ତ୍ରୀ ଲୋକ ଖୁବ୍ ଆନନ୍ଦ । ହାତରେ ତା'ର ଚାନ୍ଦ ପଡ଼ିଗଲା ଭଳି ତାକୁ ଲାଗିଲା । ପାଗଳ ବୋଲି ତାକୁ ଦ୍ୱିଧା ଆସିଲା

ନାହିଁ । ଭୂସ୍‌କନେ ସେ ରାସ୍ତା ଉପରେ ବସିପଡ଼ିଲା । ଦୁଇ ହାତରେ ପାଣିବାଲାର ପାଦ ଜାବୋଡ଼ି ଧରିଲା । ସେ ମୁଣ୍ଡକୁ ପାଗଳର ପାଦ ଉପରେ ପିଟି ପିଟି ଅନୁନୟ ବିନୟ ହୋଇ କହୁଥିଲା—"ମୁଁ ହତଭାଗିନୀ । ମୋତେ ଦୟା କରନ୍ତୁ । ମୋର ପୁଅ ହେଉ, ଏଥିପାଇଁ ମୋତେ ଆଶୀର୍ବାଦ ମିଳୁ ।"

ସ୍ତ୍ରୀଲୋକର ଡଙ୍ଗଡ଼ାଙ୍ଗ ଆଉ ତା'ର କଥା ଶୁଣି ପାଣିବାଲା ଅକ୍‌କାମାରି ଠିଆ ହେଲା । ଟିକଏ ପରେ ସେ କହିଲା—"ମୁଁ କଏ ସେ ତୋତେ ଆଶୀର୍ବାଦ କରିବ ? ମୁଁ ତ ପାଗଳ । ପାଣି ବୋହି ପେଟ ପୋଷେ । ମୋତେ ହଇରାଣ କରନା । ମୋତେ ଛାଡ଼ । ମୋର ଡେରିହେଲେ, ଯାହା ଘରକୁ ପାଣି ନେଉଛି, ସେ ଗାଳି-ଦେବ ।"

ସ୍ତ୍ରୀଲୋକ ପାଣିବାଲା କଥାରେ ଭୁଲିଲା ନାହିଁ । ଜୋର୍‌ରେ ତା'ର ପାଦ ଦୁଇଟିକୁ ସେ ଜାବୋଡ଼ି ଧରିଲା । ତା'ର ମୁଣ୍ଡ ବାରମ୍ବାର ପାଣିବାଲା ପାଦ ତଳେ ପିଟି ପିଟି କହୁଥାଏ—"ମୋତେ କଲ୍ୟାଣ କର । ମୋତେ କଲ୍ୟାଣ କର । ନଇଲେ ମୋ ଜୀବନ ଅପୂର୍ଣ୍ଣ ରହିଯିବ । କଲ୍ୟାଣ ନକଲେ, ମୁଁ ଆପଣଙ୍କ ପାଦ କେବେହେଲେ ଛାଡ଼ିବ ନାହିଁ ।" କି କାନ୍ଦ ତା'ର ! କୋହରେ ଛାତି ତା'ର ଯେମିତି କି ଫାଟିଯିବ !!

ପାଗଳ ସ୍ଥିର । ନିର୍ବିକାର ଅତି ଧୀରେ ଧୀରେ ସେ କହିଲା—"ତୁମେ ପାଗଳମା କାହିଁକି ହେଉଛ ? ମୋତେ ଛାଡ଼ । ମୁଁ ଯାଏଁ । ମୋତେ ଅପଦସ୍ଥ ଆଉ କରଅ ନାହିଁ । ମୋତେ କ୍ଷମା କର । ତୁମେ ମୋତେ ଆଉ ଅଟକାଅ ନାହିଁ ।"

ତା କଥାରେ ସ୍ତ୍ରୀଲୋକଟି ଟିକଏ ବି ଚମକିଲା ନାହିଁ । ପାଗଳର ପାଦ ଦୁଇଟା ଧରି ଖାଲି କହି କହି ହୋଇ କାନ୍ଦୁଥାଏ । ବାରମ୍ବାର ତା'ର ତୁଣ୍ଡରୁ ବାହାରୁଥାଏ—"ମୋତେ କଲ୍ୟାଣ କର, ମୋତେ କଲ୍ୟାଣ କର ।" ପାଗଳେ ଗମ୍ଭୀର ଭାବରେ କହିଲା— "ତମର ପିଲା ହେବ । ମୋର ପାଦ ଛାଡ଼ । ମୋତେ ଯିବାକୁ ଦିଅ ।"

ସ୍ତ୍ରୀଲୋକଟି ପାଗଳର ପାଦ ଦୁଇଟି ଛାଡ଼ିଦେଲା । ପାଣିବାଲାଟି ଆଗକୁ ଗଲାବେଳେ କହୁଥାଏ—"ତମର ପିଲା ହେବ···ତମର ପିଲା ହେବ···"

ତା'ପରେ ପାଣିବାଲାକୁ ଆଉ କେହି ଦେଖିଲେ ନାହିଁ । ଯାହାଙ୍କ ଘରେ ସେ ପାଣି ଦିଏ, ସେମାନେ ତାକୁ ଖୋଜିଲେ । ସେମାନେ ତା'ର ଝୁମ୍ପୁଡ଼ି ଘର କି ତା'ର ମା'କୁ ବି ଦେଖିଲେ ନାହିଁ ।

ଲୋକେ କିଛିଦିନ ଧରି ପାଣିବାଲା ବିଷୟରେ ଆଲୋଚନା କଲେ । ସେ କେମିତି କୁଆଡ଼େ ଗଲା, ତାହା ହିଁ ଆଲୋଚନାର ବିଷୟ-ବସ୍ତୁ ଥିଲା । ତା' ପରେ ପରେ କଥାଟା ଲୁଚିଗଲା ।

ଠିକ୍ ବର୍ଷକ ପରେ । ସ୍ତ୍ରୀଲୋକର ଦୁଇଟି ଯାଆଁଳା ପୁଅ ହେଲେ । ବାପ ମା' ଉଭୟେ ଖୁସି । କଥାଟା ଏବେ ପଦାକୁ ଆସିଲା ।

ଏପରି ଜଣେ ସିଦ୍ଧପୁରୁଷ ଏ ଗାଁରେ ଥିଲେ, ସେଥିପାଇଁ ଗାଁ-ଲୋକଙ୍କର ଗର୍ବ ।

ଭାଗ୍ୟଚକ୍ର

ରବ୍ବି ଆବ୍ରାହାମ ଈବନ୍ ଇଜାର ପିଲାଟି ଦିନରୁ ବାପ ମା' ଛେଉଣ୍ଡ । ସଂସାରରେ ସାନଭାଇଟି ଛଡ଼ା ତାଙ୍କର ଆଉ କେହି ନଥିଲେ । ସାନଭାଇଟି ତାଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ସେଥିପାଇଁ ଆବ୍ରାହାମ ପିଲାଦିନରୁ ମୁଣ୍ଡର ଝାଳ ତୁଣ୍ଡରେ ମାରି ଦି'ପଇସା ରୋଜଗାର କରୁଥିଲେ । ଏହାସତ୍ତ୍ୱେ କେବେହେଲେ ସେ ତାଙ୍କ ପାଠପଢ଼ାରେ ହେଳା କରିନାହାନ୍ତି । କଠିନ ପରିଶ୍ରମ କରି ଓ ବହୁ କଷ୍ଟ ସହି ଧର୍ମପୀଠରେ ସେ ସମସ୍ତ ଧର୍ମଶାସ୍ତ୍ର ଅଧ୍ୟୟନ କରିଛନ୍ତି । ଫଳରେ ତାଙ୍କ ସମୟରେ ସେ ଜଣେ ପ୍ରସିଦ୍ଧ ରବ୍ବି ହୋଇ ପାରିଥିଲେ । ତାଙ୍କର ଜ୍ଞାନ ଅସୀମ । ସେଥିପାଇଁ ସମସ୍ତେ ତାଙ୍କୁ ପ୍ରଶଂସା କରୁଥିଲେ ।

ସବୁବେଳେ ସେ ଅଭାବୀ । ବେଳେ ବେଳେ ତାଙ୍କ ପାଖରେ ପଚସାଟିଏ ବି ନଥାଏ । ସେଥିପାଇଁ ସେ କେବେହେଲେ ଦୁଃଖ କରନ୍ତି ନାହିଁ । ବରଂ ସେ ଗରିବମାନଙ୍କୁ ସାହାଯ୍ୟ କରନ୍ତି । ବେଳେ ବେଳେ ତାଙ୍କୁ ଯାହା ମିଳେ , ସେ ସବୁ ଦାନରେ ତାଙ୍କର ସରିଯାଏ । ଯେଉଁ ଶୂନ ହାତକୁ ସେଇ ଶୂନ ହାତ । ସେଥିରେ ବି ତାଙ୍କୁ ଆନନ୍ଦ ମିଳେ । ଯେତିକ ତାଙ୍କୁ ସମୟ ମିଳେ, ସେଥିରେ ଲୋକମାନଙ୍କୁ ନୀତିବାକ୍ୟ ଶୁଣାନ୍ତି । ଏଥିରେ ତାଙ୍କର ସମୟ କଟିଯାଉଥିଲା । ସେଇ ନୀତି ବାକ୍ୟରେ ସେ ଦାନର ମହିମା ଓ ମାହାତ୍ମ୍ୟ କଥା ବୁଝାଉଥିଲେ । ଖାଲି ସେତିକ ନୁହଁ, ଯେ ଯାହା ତାଙ୍କୁ ଦେଉଥିଲା, ସେସବୁକୁ ସେ ସାଥି ସାଥି ଗରିବମାନଙ୍କୁ ବାଣ୍ଟି ଦେଉଥିଲେ । ଏଇ ଗୁଣ ଯୋଗୁ

ତାଙ୍କର ଦରିଦ୍ର ଅବସ୍ଥାର ପରିବର୍ତ୍ତନ ହେଲା ନାହିଁ । ସେଥିଯୋଗୁ ତାଙ୍କର ଦୁଃଖ ନଥିଲା ।

ପିଲାଟି ଦିନରୁ ଭାଗ୍ୟ ତାଙ୍କର ପ୍ରତିକୂଳ । ଥରେ ବି ତା'ର ବ୍ୟତିକ୍ରମ ହୋଇନାହିଁ । ସେ ଯେଉଁ କାମରେ ହାତ ଦିଅନ୍ତି, ତାହା ସଫଳ ତ ହୁଏ ନାହିଁ, ବରଂ ଓଲଟା ହୁଏ ।

ମୋଶେ ବେନ୍ ମଇନ୍‌ମନ୍ ଜଣେ ପ୍ରସିଦ୍ଧ ରବ୍‌ବି । ସେ ରାମ-ବାନ ନାମରେ ଲୋକଙ୍କ ଆଗରେ ପରିଚିତ । ପିଲାଦିନରୁ ସେ ରବ୍‌ବି ଆବ୍ରାହାମଙ୍କର ସହପାଠୀ । ଦୁଇଜଣଯାକ ଘନିଷ୍ଠ ବନ୍ଧୁ । ସଂପର୍କ ବି ନିବିଡ଼ । ରାମବାନ ଧନୀ । ଅଭାବ ତାଙ୍କର କିଛି ନଥିଲା । କେବଳ ସେତିକି ନୁହେଁ । ସେ ଯେଉଁ କାମରେ ହାତ ଦିଅନ୍ତି, ତାହା ସଫଳ ହୁଏ । ଏ ସବୁ ଆବ୍ରାହାମଙ୍କୁ ଜଣା । ତଥାପି ଆବ୍ରାହାମ ଥରେହେଲେ ନିଜର ଦୁଃଖ ରାମବାନଙ୍କୁ କହିନାହାନ୍ତି । କିନ୍ତୁ ରାମବାନ ଆବ୍ରା-ହାମଙ୍କର ଦାରିଦ୍ର୍ୟ ଓ ଅସୁବିଧା ଖାଲି ଜାଣିନଥିଲେ, ଏଥିପାଇଁ ସଚେତନ ବି ଥିଲେ ।

ଲୋକମାନଙ୍କ ମୁହଁରୁ ଶୁଣାଯାଏ ଯେ, ଆବ୍ରାହାମ ଓ ରାମବାନ ଏକା ସମୟରେ ଜନ୍ମ । କିନ୍ତୁ ଜଣକର ଭାଗ୍ୟରେ ଯାହା ଅଛି, ଅନ୍ୟ ଜଣକର ଠିକ୍ ତା'ର ଓଲଟା । ଏଥିପାଇଁ ଲୋକେ ଥଟ୍ଟାରେ କହନ୍ତି—"ରାମବାନର ଜନ୍ମବେଳେ ଭାଗ୍ୟଚକ୍ର ଉପରେ ଥିଲା । ଆବ୍ରାହମର ଜନ୍ମ ବେଳକୁ ତାହା ତଳକୁ ଆସିଗଲା ।"

ଆବ୍ରାହାମଙ୍କ ମତି ଅଦ୍ଭୁତ । ପରଠାରୁ ପଇସା ଦାନ ନେଇ ସେ ଚଳିବାର ପକ୍ଷପାତୀ ନଥିଲେ । ସେଥିପାଇଁ ସେ ବ୍ୟବସାୟ କରୁଥିଲେ । ସେ ଜିନିଷ କିଣି ଆଣି ବିକୁଥିଲେ । ତାଙ୍କର ତ ଭାଗ୍ୟ ଖରାପ । ସେ ଜିନିଷ କିଣିଲା ବେଳକୁ ଜିନିଷର ଦର ଚଢ଼ା ଥାଏ ।

ବଳକା ବେଳକୁ ତାହା ଖସିଆସେ । ବିଚାରା ଆବ୍ରାହାମ ! ଲାଭ କ'ଣ କରିବେ ? କ୍ଷତିରେ ପଡ଼ନ୍ତି । କିନ୍ତୁ ରାମବାନ ମଧ୍ୟ ଜିନିଷ କିଣି ଆଣି ବିକୁଥିଲେ । ଯାହା ଲାଭ ହୁଏ, ସେଥିରେ ସେ ବି ଚଳନ୍ତି । କିନ୍ତୁ ଆଶ୍ଚର୍ଯ୍ୟ ! ସବୁଥର ତାଙ୍କର କିଣିଲାବେଳେ ଦର ଯାହା ଥାଏ, ବିକିଲା ବେଳକୁ ତାହା ବଢ଼ିଯାଏ । ସେତିକି କ୍ଷତି ତାଙ୍କର ଜୀବନରେ ନାହିଁ । ଦୁଇ ବନ୍ଧୁ ଏକାଠି ହେଲେ, ରାମବାନ ଆବ୍ରାହାମଙ୍କୁ ପରାମର୍ଶ ଦିଅନ୍ତି । କି କାମ କଲେ, ଦି' ପଇସା ଲାଭ ହେବ, ସେ କଥା ସେ ବୁଝାଇଦିଅନ୍ତି । ଆବ୍ରାହାମ ସେସବୁ ଯେ ମାନୁ ନଥିଲେ, ତାହା ନୁହେଁ । ସେ ଅକ୍ଷରେ ଅକ୍ଷରେ ତାଙ୍କ କଥା ପାଳୁଥିଲେ । କିନ୍ତୁ ତାଙ୍କର ତ ଭାଗ୍ୟ ଖରାପ । ସେ ସବୁ ତାଙ୍କ ପାଇଁ ନିରର୍ଥକ ଓ ମୂଲ୍ୟ-ହୀନ ଥିଲା ।

ଦିନକୁ ଦିନ ଆବ୍ରାହାମଙ୍କ ଅଭାବ ବଢ଼ିଲା । ସେ କୌଣସି ପ୍ରକାରେ ତାଙ୍କ ଅଭାବ ଓ ଅସୁବିଧା ଦୂର କରିପାରିଲେ ନାହିଁ । ସେ ଖୁବ୍ ଦୁଃଖରେ କାଳ କଟାଉଥାନ୍ତି । ଏ କଥା ରାମବାନ ଦେଖିଲେ । ସେ ଆବ୍ରାହାମଙ୍କୁ ସାହାଯ୍ୟ କରିବାକୁ ଅଗ୍ରହୀ । ସେ ଜାଣନ୍ତି ଆବ୍ରା-ହାମ ତାଙ୍କ ସାହାଯ୍ୟ ଗ୍ରହଣ କରିବେ ନାହିଁ । ତଥାପି ସେ ଆବ୍ରାହାମଙ୍କୁ ସାହାଯ୍ୟ କରିବାକୁ ମନସ୍ଥ କଲେ । କିପରି ସାହାଯ୍ୟ କରିବେ, ସେଇଟା ତାଙ୍କର ସମସ୍ୟା ହେଲା । ସେଥିପାଇଁ ସେ ଗମ୍ଭୀର ଭାବେ ଚିନ୍ତାକଲେ ।

ସେ ଜାଣନ୍ତି—ଆବ୍ରାହାମ ରାତି ବହୁତ ଥାଉ ଉଠନ୍ତି । ତାଙ୍କ ନିତ୍ୟକର୍ମ ସାରି ସେ ପ୍ରାର୍ଥନା କରିବାକୁ ବାହାରନ୍ତି । ସେତେବେଳକୁ ବି ରାତି ଥାଏ । ସେ ପ୍ରାର୍ଥନା ଘରେ ପହଞ୍ଚିଲା ବେଳକୁ କେହି ବାହାରକୁ ଆସିବା ତ ଦୂରର କଥା, ବିଛଣା ବି ଛାଡ଼ ନଥାନ୍ତି । ଏଇ କଥା ତାଙ୍କ ମନରେ ଯେମିତି ଆସିଛି, ସେ ସ୍ଥିରକଲେ ସେ କିଛି

ମୁଦ୍ରା ସେ ମୁଣିରେ ରଖିବେ । ତାକୁ ଆବ୍ରାହାମ ପ୍ରାର୍ଥନା ଘରକୁ ଯିବା ବାଟରେ ପକାଇଦେବେ । ଆବ୍ରାହାମ ସେତକ ପାଇଲେ ତାଙ୍କ ଅଭାବ ମେଣ୍ଟାଇବାରେ ଅସୁବିଧା ହେବ ନାହିଁ । ଯାହା ସ୍ଥିର କଲେ, ତାହା ହିଁ କଲେ ।

ସେଇଦିନ ସନ୍ଧ୍ୟାବେଳେ ଆବ୍ରାହାମ ନିଜର ଭାଗ୍ୟ ଓ ଦାରିଦ୍ର୍ୟ ବିଷୟରେ ଚିନ୍ତିତ ଥିଲେ । ମନରେ ତାଙ୍କର ଆସିଲା—ଏ ସଂସାରରେ ବହୁ ହତଭାଗା ଅଛନ୍ତି । ଏମିତିକି ସେମାନଙ୍କର ଅବସ୍ଥା ତାଙ୍କଠାରୁ ଶୋଚନୀୟ । ତାଙ୍କ ମଧ୍ୟରେ ଅନ୍ଧମାନଙ୍କ କଥା ବର୍ଣ୍ଣିବାକୁ ନଆସେ । ଏକେ ତ ସେମାନେ ଗରିବ । ଭିକ ମାଗି ପେଟ ପୋଷନ୍ତି । ଦିନ ଲୋକରେ ସେମାନେ କିଛି ଦେଖି ପାରନ୍ତି ନାହିଁ । ସେ ଯେ ସେମାନଙ୍କଠାରୁ ବେଶ୍ ଭଲରେ ଅଛନ୍ତି, ଏଥିରେ କ'ଣ ସନ୍ଦେହ ଥାଇପାରେ ? ଏଇ ଆଶୀର୍ବାଦ ପାଇଁ ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ । ଆବ୍ରାହାମ ଭାବିଲେ—ଯଦି ସେ ଅନ୍ଧ ହୋଇଥାନ୍ତେ, ଗୋଟିଏ ଜାଗାରୁ ଅନ୍ୟ-ଜାଗାକୁ ଯିବାରେ ସେ ବହୁ ଅସୁବିଧା ଭୋଗ କରୁଥାନ୍ତେ । ଚାରି-ଆଡ଼େ କ'ଣ ଘଟୁଛି, ତାହା ଜାଣିବା ତାଙ୍କ ପକ୍ଷେ ସମ୍ଭବ ହୁଅନ୍ତା ନାହିଁ । ତାଙ୍କର ଯେଉଁ ଆଖି ଅଛି, ତାହା ଭଗବାନଙ୍କର ଦୟା । ତେଣୁପାଇଁ ସେ ଭଗବାନଙ୍କ ପାଖରେ କୃତଜ୍ଞ । ସେ ଭାବିଲେ—ଅନ୍ଧ ମାନଙ୍କର ପ୍ରକୃତରେ କି ଦୁଃଖ, ସେ ନିଜେ ପରୀକ୍ଷା କରି ଦେଖିବେ । କାଲି ସକାଳୁ ସେ ଆଖି ଖୋଲିବେ ନାହିଁ, ଅନ୍ତତଃ ପ୍ରାର୍ଥନା ମନ୍ଦିରରେ ପହଞ୍ଚିବା ପର୍ଯ୍ୟନ୍ତ ।

ପରଦିନ ସକାଳୁ ସେ ଆଖି ନ ଖୋଲି ନିତ୍ୟକର୍ମ ସାରିଲେ । ଚାଲିଲେ ବାହାରିଲେ ପ୍ରାର୍ଥନା ମନ୍ଦିରକୁ । ଆଖି ବନ୍ଦ କରି ଯିବା ଫଳରେ ବାଟରେ ପଡ଼ିଥିବା ମୁଦ୍ରାଥଳିଟିକୁ ସେ ଦେଖି ପାରିଲେ ନାହିଁ ।

ସେଦିନ ରାମବାନ ଆବ୍ରାହାମଙ୍କଠାରେ କିଛି ପରିବର୍ତ୍ତନ ଦେଖି ପାରିଲେନାହିଁ । ତେଣୁ ସେ ପଚାରିଲେ—"ଭାଇ କମିତ ଅଛ ? ଆଜ ସକାଳ କପରି କଟିଲ ?"

ଆବ୍ରାହାମ କହିଲେ—"ଗତକାଲ ସନ୍ଧ୍ୟାରେ ମୁଁ ବସି ଭାବୁଥିଲି, ମୋର ଆଖି ଅଛି ବୋଲି ମୁଁ ଦେଖିପାରୁଛି । ମନଇଚ୍ଛା ଚାଲିବୁଲି ପାରୁଛି । ମୁଁ ଯଦି ଅନ୍ଧ ହୋଇଥାନ୍ତି, କ'ଣ କରିଥାନ୍ତି । ତାହା ପରୀକ୍ଷା କରିବା ପାଇଁ ମୁଁ ଆଜ ସକାଳେ ଆଖି ବନ୍ଦକରି ପ୍ରାର୍ଥନା ମନ୍ଦିରକୁ ଗଲି । ବାଟରେ ପଡ଼ିଗଲି । ବହୁକଷ୍ଟ ଲାଗିଲା । ଏ ତ ମୋର ଦିନକର ଅନୁଭୂତି । ସେମାନେ ସାରା ଜୀବନ ଯେ କେତେ କଷ୍ଟ ପାଆନ୍ତି, ତା ମୁଁ ଭାବି ସ୍ତବ୍ଧ ହୋଇଗଲି ।"

ରାମବାନ ବର୍ତ୍ତମାନ ବୁଝିଲେ—ଯେ ଯେଉଁ ଭାଗ୍ୟ ନେଇ ଜନ୍ମ, ତାକୁ ଭୋଗିବାକୁ ହେବ । କେହି ତାହା ବଦଳାଇ ପାରିବେ ନାହିଁ ।

ମିଥ୍ୟା ପ୍ରଚ୍ଛର

ଗୋଟିଏ ରାଜ୍ୟରେ କିଛି ଇହୁଦୀ ଲୋକ ଥିଲେ । ସେଠାକାର ରାଜା ସେମାନଙ୍କୁ ଭଲ ପାଉଥିଲେ । ସେ ରାଜ୍ୟରେ ଅନ୍ୟ ସମ୍ପ୍ରଦାୟର ଲୋକ ଥିଲେ । ରାଜାଙ୍କର ଇହୁଦୀଙ୍କୁ ଭଲ ପାଇବାଟା ସେମାନଙ୍କ ଆଖିରେ ଚଳି ନାହିଁ । ସେମାନେ ଏଥିପାଇଁ ଇହୁଦୀଙ୍କୁ ଈର୍ଷା କଲେ । ରାଜଦାରରେ ଇହୁଦୀଙ୍କୁ କପରି ଅପଦସ୍ଥ ଓ ଅପମାନିତ କରିବେ, ଏଥିପାଇଁ ସେମାନଙ୍କର ମସୁଧା ଚାଲିଲା । ଏଥିରେ

ମନ୍ତ୍ରୀମାନେ ନିରପେକ୍ଷ ହେଲେ ନାହିଁ । ବରଂ ଆଗୁଆ ହେଲେ । ରାଜାଙ୍କର ଗୋଟିଏ ବୋଲି ପୁଅ । ସେ ରାଜାଙ୍କ ନୟନର ପିତୁଳା । ତାକୁ ନ ଦେଖିଲେ, ରାଜା ବାଉଳା ହୋଇଯାନ୍ତି ।

ତା'ର ବୟସ କମ୍ । ସେ ଦିନେ ରାଜ ଉଦ୍ୟାନରେ ଏକା ବସି ଖେଳୁଥିଲା । ଏଇ ସୁବିଧା ଦେଖି ପାଞ୍ଚଜଣ ଲୋକ ଆସିଲେ । ତାକୁ କାବୁ କରିଦେଲେ । ସେ ପାଟି କରିବା ପୂର୍ବରୁ ତା'ର ପାଟିକି ବନ୍ଦ କରିଦେଇଥିଲେ । ରାଜକୁମାରକୁ ସେମାନେ ଲୁଚାଇ କରି ସହରର ଉପକଣ୍ଠକୁ ନେଇଗଲେ । ସେଠି ତାକୁ ନିର୍ମମ ଭାବରେ ହତ୍ୟା କଲେ । ତା'ର ଶବକୁ ଗୁପ୍ତ ଭାବରେ ଆଣିଲେ । ଇହୁଦୀମାନଙ୍କର ଗୋଟିଏ ପ୍ରାର୍ଥନା ମନ୍ଦିର ଥିଲା । ତାହା ଦୁଇଭାଗରେ ବିଭକ୍ତ । ଅନ୍ଦରଟି ସ୍ତ୍ରୀଲୋକମାନଙ୍କର ପ୍ରାର୍ଥନା ପାଇଁ ଉଦ୍ଦିଷ୍ଟ । ସେଇ ପଟେ ରାଜକୁମାରଙ୍କର ଶବକୁ ଲୁଚାଇ ଦେଲେ ।

ପୁଅର ଦେଖା ମିଳିଲା ନାହିଁ । ରାଜାରାଣୀ ଉଭୟେ ବ୍ୟସ୍ତ । ସାରା ସହର ତନ୍ନ ତନ୍ନ ହୋଇ ଖୋଜା ଚାଲିଲା । କେଉଁ ସ୍ଥାନ ବି ସେଥିରୁ ବାଦ୍ ପଡ଼ିଲା ନାହିଁ । ଇହୁଦୀମାନଙ୍କର ପ୍ରାର୍ଥନାମନ୍ଦିରର ସ୍ତ୍ରୀଲୋକ ବିଭାଗରୁ ଶବଟି ମିଳିଲା । ପୁଅର ଶବ ଦେଖି ରାଜାରାଣୀ ପାଗଳ ପ୍ରାୟ ହୋଇଗଲେ । ରାଜା କ'ଣ, ସବୁ ପ୍ରଜାମାନେ ବି ଏଥିରୁ ବିଶ୍ବାସ କଲେ ଯେ ଇହୁଦୀମାନେ ରାଜକୁମାରଙ୍କୁ ହତ୍ୟା କରିଛନ୍ତି । ତା'ର ଶବ ତାଙ୍କ ପ୍ରାର୍ଥନା ମନ୍ଦିରରେ ଲୁଚାଇ ରଖିଥିଲେ । ମନ୍ତ୍ରୀମାନେ ଇହୁଦୀମାନଙ୍କ ଉପରେ ସାମୂହିକ ଦଣ୍ଡ ପାଇଁ ପରାମର୍ଶ ଦେଲେ ।

ରାଜା ପାଗଳପରି ହେବା ସତ୍ତ୍ୱେ କିଛି ନିଷ୍ପତ୍ତି ନେଲେ ନାହିଁ । ଏପରିକି ମନ୍ତ୍ରୀମାନଙ୍କ ପରାମର୍ଶ ଆଡ଼େଇ ଦେଲେ । ଇହୁଦୀମାନଙ୍କର

ଧର୍ମଯାଜକ ରବ୍‌ବଙ୍କୁ ଡକାଇ ପଠାଇଲେ । ତାଙ୍କୁ ରଜା କହିଲେ— "ରାଜକୁମାରଙ୍କର ଶବ ତମ ପ୍ରାର୍ଥନା ମନ୍ଦିରରୁ ମିଳିଛି । ସେଠାକୁ ଇହୁଦୀମାନଙ୍କ ଛଡ଼ା ଅନ୍ୟର ପ୍ରବେଶ ନିଷିଦ୍ଧ । ତେଣୁ ତମମାନଙ୍କ ଭିତରୁ କେହି ଜଣେ ମୋ ପୁଅକୁ ହତ୍ୟା କରିଛି । ତୁମେ ଯଦି ପ୍ରକୃତ ହତ୍ୟାକାରୀକୁ ମୋ ପାଖରେ ହାଜର ନ କର, ମୁଁ ଇହୁଦୀ ସମ୍ପ୍ରଦାୟର ସମସ୍ତ ଲୋକଙ୍କୁ ମୋ ପୁଅର ହତ୍ୟାକାରୀ ହିସାବରେ ଗ୍ରହଣ କରିବ । ଏଇ ଅପରାଧ ପାଇଁ ତୁମ ସମସ୍ତଙ୍କୁ ଏ ରାଜ୍ୟରୁ ନିର୍ବାସିତ କରିଯିବ ।"

ରବ୍‌ବ କହିଲେ—"ମହାରାଜ, ଆମ ପ୍ରାର୍ଥନା ମନ୍ଦିରରୁ ଯେତେବେଳେ ଶବ ମିଳିଛି, ଆମେ ଯେ ନିର୍ଦ୍ଦୋଷ, ଏକଥା କହିବାକୁ ବର୍ତ୍ତମାନ ମୋର ସାହସ ନାହିଁ । ମୋତେ ତିନିଦିନ ସମୟ ଦିଅନ୍ତୁ । ମୁଁ ଯଦି ହତ୍ୟାକାରୀକୁ ଖୋଜି ବାହାର ନକରେ, ଆପଣ ଯାହା ଉଚିତ ଭାବିବେ, ସେପରି ଶାସ୍ତି ଆମ ପାଇଁ ବିଧାନ କରିବେ । କିନ୍ତୁ ଏଇ ତିନି ଦିନ ଭିତରେ ରାଜକୁମାରଙ୍କୁ କବର ଦିଆଯିବ ନାହିଁ । ହେପାଜତରେ ତାଙ୍କ ମରଶରୀରକୁ ସାଇତା ହୋଇ ରଖାଯିବ ।"

ରବ୍‌ବଙ୍କ କଥାରେ ରଜା ରାଜି ହେଲେ । ରବ୍‌ବ ପ୍ରାର୍ଥନା ମନ୍ଦିରକୁ ଫେରିଗଲେ । ରାଜପୁତ୍ରଙ୍କର ଶବ ପ୍ରାର୍ଥନା ମନ୍ଦିରରୁ ମିଳିବା ପରଠାରୁ ସବୁ ଇହୁଦୀ ଶୁଣିଥିଲେ । ରବ୍‌ବଙ୍କର ଫେରିବା ବାଟକୁ ସେମାନେ ଉତ୍କଣ୍ଠାସହ ଚାହିଁବସିଥିଲେ । ତାଙ୍କୁ ଦେଖି ସେମାନେ ରଜାଙ୍କର ନିଷ୍ପତ୍ତି ଶୁଣିବାକୁ ବ୍ୟସ୍ତ ହୋଇପଡ଼ିଲେ । ରବ୍‌ବ ରଜାଙ୍କ ସାଥିରେ ଯାହା କଥାବାର୍ତ୍ତା କରିଥିଲେ, ସେ କଥା ସବୁ କହିଲେ । ତା'ପରେ ଆଦେଶ ଦେଲେ—"ରାଜପୁତ୍ରଙ୍କ ହତ୍ୟାକାରୀ ନ ମିଳିବା ପର୍ଯ୍ୟନ୍ତ ତୁମେମାନେ ଉପାସ ରହିବ । ପ୍ରାର୍ଥନା

ମନ୍ଦିରରେ ଅନବରତ ପ୍ରାର୍ଥନା କରିବ । ଭିକାରିମାନଙ୍କୁ ମନବୋଧ କରି ଦାନ କରିବ । ସେମାନଙ୍କ ମଧ୍ୟରୁ କେହି ଯେପରି ଅସନ୍ତୁଷ୍ଟ ହୋଇ ଫେରି ନଯାଏ, ଏକଥା ଦେଖିବ ।" ରାବ୍‌ବିଙ୍କର ଆଦେଶ ଅକ୍ଷରେ ଅକ୍ଷରେ ଇହୁଦୀମାନେ ପାଳନ କଲେ ।

ସେଇ ରାତିରେ ରାବ୍‌ବି ସ୍ୱପ୍ନ ଦେଖିଲେ—ଗୋଟିଏ ବୁଢ଼ା ତାଙ୍କ ପାଖରେ ଆସି ଠିଆହେଲା । ରାଜାଙ୍କର ପାଞ୍ଚଜଣ ମନ୍ତ୍ରୀ ଯେପରି ଭାବରେ ରାଜପୁତ୍ରଙ୍କୁ ହତ୍ୟା କଲେ, ସେ କଥା ବର୍ଣ୍ଣନା କଲା । ତା'ପରେ କ'ଣ କଲେ, ସେ ପାଞ୍ଚଜଣ ଦୋଷୀ ଧରାପଡିବେ, ସେ କଥା ବି ବତାଇଦେଲା । ଏତିକିବେଳେ ରାବ୍‌ବିଙ୍କ ର ନିଦ ଭାଙ୍ଗିଗଲା । ରାବ୍‌ବି ଉଠି ବସିଲେ । ଏ ଯେ ମହାପୁରୁଷ ଏଲିଜାଙ୍କର ଆଶୀର୍ବାଦ, ଏହାହିଁ ରାବ୍‌ବିଙ୍କର ଧାରଣା ହେଲା ।

ପରଦିନ ସକାଳେ ରାବ୍‌ବି ନଅରକୁ ଗଲେ । ରାଜାଙ୍କୁ ତାଙ୍କର ଅନୁରୋଧ ଥିଲା—"ମହାରାଜ, ସହରର ସମସ୍ତ ଲୋକଙ୍କୁ ଡକାଯାଉ । ମୁଁ ପ୍ରକୃତ ଦୋଷୀ କିଏ, ସେଇଟି ଦେଖାଇ ଦେବି ।"

ରାଜା ତ ପୁତ୍ର ହତ୍ୟାକାରୀଙ୍କୁ ଦେଖିବାକୁ ପାଗଳ । ସେ ରାବ୍‌ବିଙ୍କ ଅନୁରୋଧ ଗ୍ରହଣ କରିନେଲେ । ସହରର ସମସ୍ତ ଲୋକ ଉଆସ ବାହାରେ ରୁଣ୍ଡ ହେବା ପାଇଁ ଆଦେଶ ଦେଲେ ।

ଏ ଖବର ବିଜୁଳି ବେଗରେ ସାରା ସହରରେ ଖେଳିଗଲା । ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ରାଜଧାନୀର ସବୁ ଲୋକ ରାଜ ଉଆସ ସମ୍ମୁଖରେ ରୁଣ୍ଡ ହୋଇସାରିଥିଲେ । ରାବ୍‌ବି ସେଠାକୁ ଆସିଲେ । ସାଥିରେ ତାଙ୍କର ରାଜା ଓ ମନ୍ତ୍ରୀମାନେ । ରାବ୍‌ବିଙ୍କ ଆଦେଶରେ ସେଠାକୁ ଗୋଟିଏ ଟେବୁଲ ଅଣାଗଲା । ରାଜପୁତ୍ରଙ୍କ ଶବକୁ ଆଣି ତା ଉପରେ ଶୁଆଇ ଦିଆଗଲା । ରାବ୍‌ବି ଶବ ପାଖକୁ ଗଲେ । ଗୋଟିଏ

ବାଡ଼ରେ ଶବଟିର କପାଳ ଛୁଇଁଲେ । ସେ ବାଡ଼କୁ ଆଣି ନିଜ କପାଳକୁ ବି ଛୁଇଁଲେ । ତା'ପରେ ଆଣ୍ଠୁ ପକାଇ ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ଅତି ନିବାଡ଼ ସ୍ୱରରେ । ଏପରିକି ତାଙ୍କ ସ୍ୱରପଟେ କ'ଣ ଘଟି ଯାଉଥିଲା, ସେ କଥା ସେ କିଛି ଜାଣି ପାରୁନଥିଲେ ।

ସମବେତ ଜନତା ମଧ୍ୟରେ ଉତ୍କଣ୍ଠା । ଆଗ୍ରହ । ସମସ୍ତଙ୍କ ଆଖି ସବ୍‌ବିଙ୍କଠାରୁ ରାଜପୁତ୍ରଙ୍କ ପାଖକୁ ଯାଏ । ପୁଣି ରାଜପୁତ୍ରଙ୍କ ପାଖରୁ ସବ୍‌ବିଙ୍କ ପାଖକୁ ଫେରିଆସେ । ହଠାତ୍ ସେମାନେ ଦେଖିଲେ— ରାଜପୁତ୍ର ଆଖି ଖୋଲିଲେ । ତା'ପରେ ସେ ଆସ୍ତେ ଆସ୍ତେ ଉଠି ବସିଲେ । ଗଭୀର ନିଦରୁ ଉଠି ପିଲାମାନେ ଯେମିତି କହନ୍ତି, ସେଇ-ମିତି ସେ କହିଲେ—"ମୁଁ ବଗିଚାରେ ଏକାକୀ ଖେଳୁଥିଲି । ତା'ପରେ ସେ ସେଠାରେ ଥିବା ପାଞ୍ଚଜଣ ମନ୍ତ୍ରୀଙ୍କ ଆଡ଼କୁ ହାତ ଦେଖାଇ କହିଲେ—"ଏମାନେ ସେଠି ପହଞ୍ଚିଲେ । ସେମାନେ ମୋ ପାଖକୁ ଗଲେ । ହଠାତ୍ ମୋତେ ଧରି ମୋର ପାଟି ବନ୍ଦ କରି ଦେଲେ । ମୁଁ ଚିତ୍କାର କରିପାରିଲି ନାହିଁ । ସେମାନେ ମୋତେ ସହରର ଉତ୍ତର ପଟେ ଥିବା ନିକାଞ୍ଚନ ଜାଗାକୁ ନେଇଗଲେ ।" ମନ୍ତ୍ରୀମାନଙ୍କ ମଧ୍ୟରୁ ଜଣକ ଆଡ଼କୁ ହାତ ଦେଖାଇ ସେ ପୁଣି କହିଚାଲିଲେ—"ଏଇ ମନ୍ତ୍ରୀଜଣକ ଛୁରୀ ବାହାର କରି ମୋତେ ହତ୍ୟା କରିବାକୁ ଉଦ୍ୟମ କଲେ । ମୁଁ କାକୁତି ମିନତି ହୋଇ ଅନୁ-ନୟ କରି କହିଲି—ମୁଁ ପିଲା ଲୋକ । କାହାର କିଛି ଦୋଷ କରି ନାହିଁ । ମୋତେ ଛାଡ଼ିଦିଅ । ମାରି ନାହିଁ । କେହି ମୋ କଥାକୁ କାନେଇଲେ ନାହିଁ । ଯାହା ହାତରେ ଛୁରୀ ଥିଲା, ସେ ମୋତେ ଛୁରୀ-ଭୁଷି ଦେଲା । ମୋର ରକ୍ତ ଚାରିଆଡ଼େ ଛିଟିକି ପଡ଼ିଲା । ପାଖ ପଥରଟି ରକ୍ତରେ ପୂରି ଲାଲ ହୋଇଗଲେ । ମୁଁ ସେଇଠି ପଡ଼ି-ରହିଲି । ମୋର ପ୍ରାଣବାୟୁ ବାହାରିଗଲେ । ସେମାନେ ମୋର ଶବ

ଗୁପ୍ତ ଘରରେ ଆଣିଲେ । ଇହୁଦୀମାନଙ୍କ ପ୍ରାର୍ଥନା ମନ୍ଦିରର ମଣ୍ଡଳୀ ବଗିଚାରେ ଲୁଚାଇ ଦେଲେ ।" ତା'ପରେ ପିଲାଟି ଆସ୍ତେ ଆସ୍ତେ ଶୋଇଗଲା । ତା'ର ଜୀବନ ପୁଣି ଚାଲିଗଲା ।

ରାଜା କ'ଣ, ସହରର ସମସ୍ତ ଲୋକ ଏ ଦୃଶ୍ୟ ଦେଖି ସ୍ତମ୍ଭୀଭୂତ ଆଶ୍ଚର୍ଯ୍ୟ । ରାଜାଙ୍କ ଆଦେଶରେ ପାଞ୍ଚଜଣ ମନ୍ତ୍ରୀଙ୍କୁ ଅଟକାଇ ରଖାଗଲା । ସେନାପତିଙ୍କୁ ଆଦେଶ ହେଲା—"ତୁମେ ନିଜେ କିଛି ସୈନ୍ୟ ନେଇ ଯାଅ । ଉତ୍ତର ପଟ ଜାଗାଟି ଦେଖ । ପ୍ରକୃତରେ ସେଠି ଯଦି ରକ୍ତ ପଡ଼ିଥିବ ଆଉ ପଥରଟି ରକ୍ତରେ ଭିଜି ଯାଇଥିବ, ତାକୁ ନେଇ ଆସ ।"

ସେନାପତି କିଛି ସୈନ୍ୟ ଧରି ବାହାରିପଡ଼ିଲେ । ଯେଉଁ ଯୁବକମାନେ ଏ ଘଟଣାରେ ବେଶି ଆଗ୍ରହୀ, ସେମାନେ ବି ତାଙ୍କ ପିଛା ଧରିଲେ ।

ରକ୍ତ ଛିଟିକା ପଡ଼ିଥିବା ଜାଗା ଓ ରକ୍ତରେ ଭିଜିଥିବା ପଥର ସମ୍ପୂର୍ଣ୍ଣ କଳା ପଡ଼ିଯାଇଥିଲା । ସେଇଠି ରକ୍ତଭିଜା କଳାପଡ଼ିଥିବା ଛୁରୀ ବି ପଡ଼ିଥିଲା । ପିଲାଟି ଯାହା କହିଥିଲା, ତାହା ଯେ ଏକାନ୍ତ ସତ୍ୟ, ସେଥିରେ ସେଠାରେ ରୁଣ୍ଡ ହୋଇଥିବା ସେନାପତି, ସୈନ୍ୟମାନେ ଓ ଅନ୍ୟାନ୍ୟ ଦେଖଣାହାରୀମାନେ ଏକମତ ହେଲେ ।

ରକ୍ତରେ ଭିଜି କଳାପଡ଼ିଥିବା ପଥରଟି ଓ ଛୁରୀଟି ଧରି ସେନାପତି ରାଜାଙ୍କ ପାଖକୁ ଫେରିଆସିଲେ । ସେଇଟିକୁ ସମବେତ ଜନତା ଆଗରେ ଥୋଇଦେଲେ । ଏ ଦୃଶ୍ୟ ଅତ୍ୟନ୍ତ ମର୍ମନ୍ତୁଦ । ଆଖିରେ କାହାର ଲୁହ ରହିଲା ନାହିଁ । ରାଜା ମନ୍ତ୍ରୀମାନଙ୍କ ଠାରୁ କୈଫିୟତ ଚାହିଁଲେ । ସେମାନେ ନିରୁତ୍ତର । ମୁଣ୍ଡ ତାଙ୍କର ଆଗକୁ ନଇଁ ଆସିଲା ସେମାନେ ମୁଣ୍ଡକୁ ଉପରକୁ ଆଉ ଉଠାଇଲେ ନାହିଁ ।

ରାଜା ସେମାନଙ୍କୁ ମୃତ୍ୟୁ ଦଣ୍ଡ ଦେଲେ । ଇହୁଦୀମାନଙ୍କୁ ଶାନ୍ତିରେ ତାଙ୍କ ରାଜ୍ୟରେ ରହିବାକୁ ଅଭୟ ଦେଲେ । ସେମାନଙ୍କ ପ୍ରତି ଯେଉଁ ଶ୍ରଦ୍ଧା ରହିଥିଲା, ତାହା ସେଇପରି ଅତୁଟ ରହିଲା । ସେଥିରୁ ଲୋକଙ୍କର ଧାରଣା ହେଲା ଯେ କୌଣସି ଅପରାଧ ଲୁଚେ ନାହିଁ । ସତ୍ୟ ପ୍ରକାଶ ହୁଏ । ଅପରାଧୀ ଧରାପଡ଼େ ।

ବାପର ସ୍ନେହ

ଇହୁଦୀଟି ବଣିକ । ସ୍ତ୍ରୀ ତା'ର ବହୁ ଆଗରୁ ମରିଯାଇଥିଲା । ତା'ର ଗୋଟିଏ ବୋଲି ପୁଅ । ତାକୁ ସେ ଖୁବ୍ ଭଲ ପାଏ । ପିଲାଟି ଗେଲବସର ହୋଇ ବଢ଼େ ।

ଇହୁଦୀଟିର ବ୍ୟବସାୟ ଅନେକ । ସେଥିରେ ସେ ସବୁବେଳେ ବ୍ୟସ୍ତ । ନିଃଶ୍ୱାସ ମାରିବାକୁ ତା'ର ବେଳ ନଥାଏ । ତେଣୁ ପୁଅର ତତ୍ତ୍ୱ ସେ ଠିକ୍ ଭାବରେ ନେଇପାରେ ନାହିଁ । ପୁଅଟି ପିଲାଦିନେ ଚାକରଙ୍କ ମାରଫତରେ ରହୁଥିଲା । ବୟସ ହେବା ପରେ ସେ ସାଙ୍ଗସାଥିଙ୍କ ଗହଣରେ ସମୟ କଟାଏ ।

ପିଲାଟିର ପଇସାର ଅଭାବ ନଥିଲା । ଯେତେବେଳେ ତା'ର ଯାହା ଦରକାର, ସେ ବାପଠୁଁ ନେଇଯାଉଥିଲା । ସେଥିପାଇଁ ପଇସାକୁ ମାଟିଗୋଡ଼ି ଭଳି ବ୍ୟବହାର କରୁଥିଲା । ତା'ର ଅମାପ-ଖର୍ଚ୍ଚ ଦେଖିଲେ ଯେ କୌଣସି ଲୋକ ଈର୍ଷା କରିବ ।

ପିଲାଟି ଗହଣରେ ରହିଲେ, ଖୁବ୍ ଆରାମ ମିଳେ । ହାତରୁ କିଛି ଖର୍ଚ୍ଚ କରିବାକୁ ପଡ଼େ ନାହିଁ । ଏହା ତା'ର ସବୁ ବନ୍ଧୁଙ୍କର

ଅଙ୍ଗେ ଲଗାଇବା କଥା । ଏହାର ସୁବିଧା ବନ୍ଧୁମାନେ ନେବାକୁ ଲାଗିଲେ । ଆସ୍ତେ ଆସ୍ତେ ମନ୍ଦ ଓ ଖରାପ ପ୍ରକୃତିର ପିଲାମାନେ ତାକୁ ଘେରିଗଲେ । ସେମାନଙ୍କ ତୋଷାମଦ ଓ ଚାଟୁକଥା ଶୁଣି ଇନ୍ଦ୍ରଘାଟିର ମୁଣ୍ଡ ବୁଲିଯାଏ । ସେମାନଙ୍କୁ ନିଜର ଅନ୍ତରଙ୍ଗ ବନ୍ଧୁ ବୋଲି ଭାବେ । କ୍ରମେ କ୍ରମେ ସେ ତା'ର ନିଜତ୍ୱ ହରାଇଲା । ସେ ସେହି ବନ୍ଧୁମାନଙ୍କର ହାତରେ କ୍ରୀଡ଼ନକ ହେଲା । ସେମାନଙ୍କର କଥାରେ ପରିଚାଳିତ ହେଲା । ନିଜର ବୁଦ୍ଧି ବିବେକ ଓ ଜ୍ଞାନ ତା'ର ଯେମିତି ସବୁ ଲୋପ ପାଇଗଲା । ବ୍ୟବସାୟ ବାଣିଜ୍ୟର ନାଁ ସେ ଆଉ ଧରିଲା ନାହିଁ । ସବୁବେଳେ ମଉଜ ମଜଲିସ୍‌ରେ ସେ ବୁଡ଼ିରହିଲା ।

ବାପା ପୁଅର ଚିନ୍ତାନେଇ ପାରୁନଥିଲେ । କିନ୍ତୁ ତା ବିଷୟରେ ଠିକଣାକ ଖବର ରଖିବାରେ ସେ ହେଳା କରୁନଥିଲେ । ପୁଅର ଚିନ୍ତାରେ ସେ ଶଙ୍କିତ । ତାକୁ ଠିକ୍ ବାଟରେ ଆଣିବାକୁ ସେ ଚେଷ୍ଟା କରୁଥିଲେ । ପୁଅକୁ ଏକାକୀ ପାଇଲେ, ଉପଦେଶ ଦିଅନ୍ତି । ବନ୍ଧୁ ମହଲରୁ ଫେରିଆସିବାକୁ ତାଗିଦ କରନ୍ତି । ନିଜ ବ୍ୟବସାୟରେ ମନ ଦେବାକୁ ପରାମର୍ଶ ଦିଅନ୍ତି । କିନ୍ତୁ ସେ ସବୁ ବୃଥା ହୁଏ । ପୁଅ ବାପାଙ୍କୁ ସିଧା କିଛି କହେ ନାହିଁ ସତ, କିନ୍ତୁ ବାପାଙ୍କର ଉପଦେଶ ଏ କାନରେ ପୂରାଇ ସେ କାନରେ ବାହାର କରିଦିଏ । ବାପା ଦେଖନ୍ତି – ପୁଅ ତାଙ୍କ କଥା ଶୁଣୁ ନାହିଁ । ତା'ର କୌଣସି ପରିବର୍ତ୍ତନ ହେଉନାହିଁ ।

ବାପା ତାଙ୍କର ମନର କଥା ବାହାରେ ପ୍ରକାଶ କରନ୍ତି ନାହିଁ । କିନ୍ତୁ ସେ ଯେ ପୁଅ ଉପରେ ଅସନ୍ତୁଷ୍ଟ । ଏଥିରେ ପୁଅର ବି ସନ୍ଦେହ ନଥିଲା । ତଥାପି ପୁଅ ଏଥିରେ ଗୁରୁତ୍ୱ ଦେଲା ନାହିଁ । ଏଇଟା ଇନ୍ଦ୍ରଘାର ଦୁଃଖର କାରଣ ହୋଇଗଲା ।

ଇନ୍ଦ୍ରଜିତର ମନରେ ସବୁବେଳେ ଦୁଃଖ । ସବୁବେଳେ ସେ ଚିନ୍ତାଗ୍ରସ୍ତ । ପେଟକୁ ଦାନା ତା'ର ଗଲନାହିଁ । ପୁଅର ଚିନ୍ତାରେ ସେ ଭାଙ୍ଗିପଡ଼ିଲ । ଶେଷକୁ ରୋଗାକ୍ରାନ୍ତ ହେଲ୍ । ଡାକ୍ତର, ବୈଦ୍ୟ ଆସିଲେ । ରୋଗଟା ନିର୍ଦ୍ଧାରଣ କରିପାରିଲେ ନାହିଁ । ରୋଗ ଯନ୍ତ୍ରଣାରେ ପଡ଼ି ବାପା ପୁଅକୁ ଡାକି କହିଲେ—"ପୁଅରେ, ତୁ ଖରାପ ଲୋକଙ୍କ ସାଥିରେ ମାତିଲୁ । ମଉଜ ମଜଲିସ୍‌ରେ ତୋର ସମୟ କଟିଗଲ । ପଇସାକୁ ପଇସା ବୋଲି ଚିହ୍ନିନାହୁଁ । ମୁଁ ତ ରୋଗଶଯ୍ୟାରେ । କେଉଁ ମୁହୂର୍ତ୍ତରେ ଆଖି ବୁଜିବି, ତାର ଠିକ୍ ଠିକଣା ନାହିଁ । ମୁଁ ମଲାପରେ ବ୍ୟବସାୟ ବନ୍ଦ ହୋଇଯିବ । ପଇସା ଆଉ ଆସିବ ନାହିଁ । ତୋ ସାଙ୍ଗମାନେ ଦୂରେଇଯିବେ । ତୋତେ ଚିହ୍ନିବେ ନାହିଁ । ଆଗରୁ ସାବଧାନ ହୁଅ । ନଇଲେ ବିପଦରେ ପଡ଼ିବୁ । ଏ ଆଖିର ଲୁହ ସେ ଆଖିରେ ମରିବ ।"

ପୁଅ ବାପା କଥାକୁ ବିଶ୍ୱାସ କରିପାରିଲେ ନାହିଁ, ବରଂ ହସି ହସି ବେପରୁଆ ଭାବରେ କହିଲ—"ମୋ ସାଙ୍ଗ ଭାଇମାନଙ୍କୁ ତୁମେ ଜାଣି ନାହଁ । ମୋ ପାଇଁ ପ୍ରାଣ ଦେବାକୁ ସେମାନେ ପ୍ରସ୍ତୁତ । ମୋ ଆଗେ ଗୋଡ଼ରେ କଣ୍ଟା ବାଜିବାକୁ ସେମାନେ ଦେବେ ନାହିଁ । ମୋ ଅସୁ-ବିଧା ସୁବିଧା ସେମାନେ ଦେଖିବେ । ବ୍ୟବସାୟ ଠିକ୍ ଚାଲିବ । ତୁମେ ବ୍ୟସ୍ତ ହୁଅନାହିଁ ।"

ବାପା ପୁଅ କଥାରେ ସନ୍ତୁଷ୍ଟ ହୋଇପାରିଲେ ନାହିଁ । ସେ ଦେଖିଲେ—ପୁଅ ତାଙ୍କର କିଛି ପରାମର୍ଶ ନେବ ନାହିଁ । କିନ୍ତୁ ସେ ଆଖି ବୁଜିବା ପୂର୍ବରୁ ପୁଅ ପାଇଁ କିଛି ବ୍ୟବସ୍ଥା, ତାଙ୍କର କରିବା ଉଚିତ । ଦିନେ ନା ଦିନେ ସେ ବାଟକୁ ଫେରିବ । ସେଇ ବ୍ୟବସ୍ଥାର ସଦ୍ ଉପଯୋଗ କରିବ । ଏକଥା ସେ ସବୁବେଳେ ଚିନ୍ତା କରୁଥିଲେ ।

ହଠାତ୍ ବୁଢ଼ା ତାଙ୍କର ଅଗଣାରେ ଦୁଇଟି ଖୁଣ୍ଟ ଗଢ଼ାଇଲେ । ମଝିଟା ତା'ର ପୋଲ ରଖିଲେ । ଏହି ଦୁଇଟି ଖୁଣ୍ଟ ହେଲେ, ଅଗଣା ଅସୁନ୍ଦର ହୋଇଯିବ, ଏ ଯୁକ୍ତି ପୁଅ ବହୁବାର ବାଢ଼ିଛି । ବୁଢ଼ା କିଛି ଶୁଣିଲେ ନାହିଁ । ଖୁଣ୍ଟ ଗଢ଼ା ଚାଲିଲା । ଏପରିକି ଉପର ଅଂଶରେ ସିମେଣ୍ଟ ଭାଗ କମ୍ । ବାଲି ଭାଗ ବେଶ୍ ବେଶି ଦିଆଗଲା । ଖୁଣ୍ଟ ଦୁଇଟା ଏପରି ହୋଇଗଲା ଯେ ଧକ୍କା ଟିକିଏ ଜୋର୍‌ରେ ଦେଲେ ତାହା ଭୁଷୁଡ଼ି ପଡ଼ିବ । ଖୁଣ୍ଟ ହେଲା ପରେ ଲୋକେ କହିଲେ, ବଂଶ ଗଲା । ପୁଅ ବଦଖର୍ଚ୍ଚରେ ପଇସା ସାରୁଛି । ବୁଢ଼ାର ବଦ-ଖର୍ଚ୍ଚ ବି କମ୍ ନୁହେଁ । ଝୁଙ୍କ ଅଛି ଖୁଣ୍ଟ ତିଆରି ଚାଲିଛି । ସେଥିରେ ପଇସା ଉଡ଼ାଉଛି । କେହି ଭଲ କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି ।

ଦିନେ ରାତିରେ ଇନ୍ଦ୍ରଧନୁ ତା'ର ଯେତେ ଧନରତ୍ନ ଥିଲା, ତାହା ସେଇ ଖୁଣ୍ଟର ପୋଲ ଅଂଶରେ ପୂର୍ତ୍ତି କରିଦେଲେ । ଏ କଥାର କେହି ସୁରାକ ବି ପାଇଲେ ନାହିଁ । ତା' ପରଦିନ ଖୁଣ୍ଟର ଉପର ବନ୍ଦ କରି-ଦିଆଗଲା । ବେଶ୍ ମଜଭୁତ କରି । ଗୋଟିଏ ଦଉଡ଼ିରେ ଦୁଇ ଖୁଣ୍ଟକୁ ବାନ୍ଧି ଦିଆଗଲା ।

ବୁଢ଼ାଙ୍କର ଶେଷ ସମୟ ଆସିଗଲା । ଦିନେ ସେ ପୁଅକୁ କହିଲେ —"ଅଳ୍ପଦିନ ପରେ ମୁଁ ସଂସାର ଛାଡ଼ି ଚାଲିଯିବି । ତୋତେ ବ୍ୟବ-ସାୟରେ ତାଲିମ ଦେବାକୁ ଚାହିଁଥିଲି । ତୁ ତାଲିମ ନେଲୁ ନାହିଁ । ମୁଁ ଆଉ ଆଉ ବ୍ୟବସାୟ ବି ଦେଖିଲୁ ନାହିଁ । ମୁଁ ମଲାପରେ ବ୍ୟବସାୟ ଛାରଖାର ହୋଇଯିବ । ଆୟ ଆଉ ହେବ ନାହିଁ । ବ୍ୟବସାୟ ବୁଡ଼ିଯିବ । ତୋର ପଇସା ସରିଯିବ । ତୁ ଫକୀରଗମ ଭିକାରୀ ହୋଇଯିବୁ । ତୋର ସାଙ୍ଗ ସାଥିମାନେ ଖର୍ଚ୍ଚ କରିବାକୁ ପଇସା ତୋ ଠାରୁ ପାଇବେ ନାହିଁ । ସମସ୍ତେ ତୋତେ ଛାଡ଼ି ଚାଲି-ଯିବେ । ଦୁଃଖରେ ତୁ ହା ହୁତାଶ ହେବୁ । ମୋ କଥା ତୁ ମାନିଲୁ

ନାହିଁ । କିନ୍ତୁ ମୋର ଏଇ ଶେଷ କଥା ମାନିବୁ । ନିଜର ସମ୍ମାନ କେବେ ହରାଇବୁ ନାହିଁ । କାହାର ଦ୍ୱାରସ୍ଥ ହୋଇ ଭିକ୍ଷା ମାଗିବୁ ନାହିଁ । ତୋର ଏ ଅବସ୍ଥା ଆସିଲେ, ଘରକୁ ଆସିବୁ । ଘର ଭିତର ପଟୁ କବାଟ ବନ୍ଦ କରିବୁ । କେହି ଯେପରି ଏ ଘରେ ନ ରହିବେ, ତା'ର ବ୍ୟବସ୍ଥା କରିବୁ । ତା'ପରେ ଅଗଣାରେ ଖୁଣ୍ଟ ଦୁଇଟିକୁ ସଂଯୋଗ କରୁଥିବା ଦଉଡ଼ିରେ ଝୁଲିପଡ଼ିବୁ ।"

ବାପାର ଏ ଅଜବ କଥା ଶୁଣି ପୁଅଟି ମନେ ମନେ ଟିକେ ହସିଲା । କିନ୍ତୁ ତାଙ୍କର ଶେଷ କଥା ମାନିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଲା ।

ସତକୁ ସତ ବୁଢ଼ା ତା'ର ଦୁଇ ଚାରିଦିନ ପରେ ଆଖି ବୁଜିଲା । ପୁଅର ଏଥର ଚାରି ଖୁଣ୍ଟ ମାଫ୍ । ସେ ପଇସା ବେଦମ୍ ଖର୍ଚ୍ଚ କଲା । ଏଥର ସବୁଦିନ ମଉଜ ମଜଲିସ । ଭୋଜି ଭାତର ଆୟୋଜନ । ଧନକୁ ସବୁ ବୋଲି ସେ ମନେକଲା । ବ୍ୟବସାୟରେ ଆଖି ଟିକିଏ ବି ପକାଇଲା ନାହିଁ । ସବୁ ବ୍ୟବସାୟ ବାଣିଜ୍ୟ ଗୋଟିକ ପରେ ଗୋଟିଏ ବୁଡ଼ିଗଲା । ଆୟ ନାହିଁ । ବ୍ୟୟ ବଢ଼ି ଚାଲିଛି । ସାଙ୍ଗ-ମାନଙ୍କର ଫରମାସିର ସୀମା ନାହିଁ । ସେମାନଙ୍କର ଅନୁନୟ ଅନୁରୋଧକୁ ସେ ମାନି ଚାଲିଛି । ସେ ଦେଖିଲା—ଅବସ୍ଥା ଅସମ୍ଭାଳ ହୋଇଆସୁଛି । ଜମିବାଡ଼ି ବିକି ବି ତା'ର ସାଙ୍ଗସାଥିଙ୍କ କଥା ରଖି ମଉଜ ମଜଲିସ କରିବାକୁ ସେ ଅସମର୍ଥ । ଅଳ୍ପ କେତେଟା ଦିନରେ ସେ ସମ୍ପୂର୍ଣ୍ଣ ଫକିଡ଼ ହୋଇଗଲାଣି । ପଇସା ଆଉ ହାତରେ ତା'ର ନାହିଁ । ଜମିବାଡ଼ି ସବୁ ସରିଗଲାଣି । ସେ ହତାଶ ଓ ଅସହାୟ ବୋଧ କଲାଣି । ସବୁ ଅନୁରୋଧକୁ 'ନାହିଁ' କରିବା ଛଡ଼ା ତା'ର ଉପାୟ ଆଉ ନଥିଲା । ସାଙ୍ଗସାଥିମାନେ ତା'ର ଅବସ୍ଥା ସେ ହୃଦୟଙ୍ଗମ କରୁ

ନାହାନ୍ତି । ସେଥିରେ ଏବେ ସେ ବୃଦ୍ଧ । ପଇସା ସରିବାରୁ ଆପେ ଆପେ ଭୋଜଭାତ, ମଉଜ ମଜଲିସ ପୁରାପୁରି ବନ୍ଦ ହୋଇଗଲା । ଦିନେ ସାଙ୍ଗସାଥିମାନେ ଜୁଟି ଗୋଟିଏ ବଡ଼ ଧରଣର ଭୋଜିର ଆୟୋଜନ କଲେ । ପୁଅଟିକୁ ସମସ୍ତ ଖର୍ଚ୍ଚ ବହନ କରିବାକୁ ବାଧ କଲେ । ପୁଅଟି କହିଲା—"ଭାଇ, ମୁଁ କପର୍ଦ୍ଦକଶୂନ୍ୟ । ତମ ଦାବି ମୁଁ ପୂରଣ କରିବାକୁ ଅକ୍ଷମ । ଏତେ ବଡ଼ ଭୋଜ ତ ଦୂରରେ କଥା, ତମକୁ ସାଧାରଣ ଭୋଜିଟିଏ ବି ମୁଁ ଦେଇପାରିବ ନାହିଁ । ମୋତେ କ୍ଷମା କର ।"

ସବୁ ସାଙ୍ଗମାନେ ରାଗରେ ନିଆଁ । ସେମାନେ କହିଲେ— "ତୁ ଯେମିତି ଭୋଜିରେ ଖର୍ଚ୍ଚ କରୁଥିଲୁ, ଆମେ ସେମିତି ପରିଶ୍ରମ କରୁଥିଲୁ । ତୁ ଯଦି ପଇସା ନଦେବୁ, ଆମର ତୋତେ ବାଧ କରିବାର ପ୍ରଶ୍ନ ଉଠୁନାହିଁ । ଆମେ ସେ ସମସ୍ତ ପଇସା ଦେବୁ । କିନ୍ତୁ ଆମଭିଳ ଯାଇ ତୁ ବନ୍ଧିବୁ । ଭୋଜ ହେବାର କଥା ହେବ । ସେଥିରୁ ଖଲାସ ହେବାର ପ୍ରଶ୍ନ ଉଠୁନାହିଁ ।"

ପୁଅଟିର ଉପାୟ ନଥିଲା । ସେମାନଙ୍କ କଥାରେ ସେ ରାଜିହେଲା । ସେମାନେ ଭୋଜ ପାଇଁ ମାଂସ, ଶୁଖିଲା ଆଉ ଯାହା ଯାହା ଦରକାର ସବୁ ଆଣି ରଖିଦେଲେ । ପୁଅଟିକୁ ରାନ୍ଧିବାକୁ ଫରମାସି ଦେଲେ । ସେମାନେ ମଉଜ ମଜଲିସ କରିବାକୁ ଏକାଠି ବସିଲେ । ପୁଅକୁ ସେ ଜାଗାକୁ ଡାକିଲେ ବି ନାହିଁ ।

ପୁଅଟି ତ ପିଲାଟି ଦିନରୁ ଗେଲବସର । ଚୁଲିପାଖକୁ ଯାଇନାହିଁ । ବସ୍ତୁ ରାଟିକୁ ବନ୍ଧିବା ଜଣାନାହିଁ । ସେ କେମିତି ରାନ୍ଧିବ, ସେଇଟା ତା'ର ଗୋଟିଏ ସମସ୍ୟା । ବେହିଆ ମୁହଁରେ ସାଙ୍ଗମାନଙ୍କ ପାଖକୁ ଗଲା । ସେଇ କଥା କହିଲା । ସେମାନେ କହିଲେ

—"ଯାହାର ଯାହା କରିବାର କଥା, ସେ କରିବ । କେମିତି କରିବ, ସେ ଜାଣେ । ଆମକୁ ପଚାରି ଲାଭ ନାହିଁ ।" ତା'ପରେ ସେମାନେ ଖେଳରେ ମାତିଲେ । ହସରେ କାନ ଅତଡ଼ା ପଡ଼ୁଥାଏ । ବଗୁଲି ପୁଅଟି ବସି ବହୁତ ସମୟ ଭାବିଲା । ବାପା କଥା ନମାନି କ'ଣ ତା'ର ହେଲା, ସେ ହୃଦୟଙ୍ଗମ କଲା । ବାପା ଯାହା କହୁଥିଲେ, ସେ ଯଦି ମାନିଥାନ୍ତା, ତା'ର ଏପରି ଅବସ୍ଥା ହୋଇନଥାନ୍ତା ।

ସେ ବହୁତ ଭାବିଲା । ସେଠୁ ପଳାଇଯିବା ଉଚିତ ନୁହେଁ, ଏହା ସ୍ଥିର କଲା । ରାନ୍ଧିବାକୁ ଅଣ୍ଟା ଭିଡ଼ିଲା । ଜୀବନରେ ପ୍ରଥମଥର ପାଇଁ ସେ ଚୁଲି ପାଖକୁ ଗଲା । ଚୁଲି ଜାଳିବା ପାଇଁ କୌଶଳ କ'ଣ ଅଛି । ତାହା ତାକୁ ମାଲୁମ ନାହିଁ । ଚୁଲି ଫୁଙ୍କି ଫୁଙ୍କି ତା'ର ଲୁହ ବୋହିଲା । ରନ୍ଧାର ଶୈଳୀ ଅଛି । ସେ ତା' ଜାଣେ ନାହିଁ । ତଥାପି ତା'ର ମନ ଯେମିତି ହେଲା, ସେମିତି ସେ ରାନ୍ଧିଲା । ରନ୍ଧା ସରିଲା ବେଳକୁ ସେ କ୍ଳାନ୍ତ । ସମ୍ପୂର୍ଣ୍ଣ ହାଲିଆ । କିନ୍ତୁ ସାଙ୍ଗମାନଙ୍କର ଖେଳ ସରିନଥାଏ । ସେ ଯାଇ ରନ୍ଧା ସରିବା ଖବର ସେମାନଙ୍କୁ ଜଣାଇଦେଲା । ସାଙ୍ଗମାନେ କହିଲେ—"ସେଠି ଖାଇବା ଜିନିଷ ଥୁଅ । ଆମର ଖେଳ ସରିଲେ ଆମେ ଯିବୁ । ଖାଇବା ପିଇବା ଆରମ୍ଭ ହେବ ।"

ପୁଅଟି ଆସି ରନ୍ଧା ଜିନିଷ ପାଖରେ ବସିଲା । ସେ ତ ଏ ଜୀବନ ସହିତ ଅନଭ୍ୟସ୍ତ । ସେ କ୍ଳାନ୍ତ ଓ ହାଲିଆ । ସେଠି ବସୁ ବସୁ ତାକୁ ନିଦ ଆସିଗଲା । ନିଦ ଭାଙ୍ଗିଲା ବେଳକୁ ଦେଖିଲା— ସବୁ ପାସ ଖାଲି । ଯାହା ରନ୍ଧାହୋଇଥିଲା, କୁକୁର ଆସି ସବୁ ଖାଇ ଦେଇଛି । ସେ ଯାଇ ସାଙ୍ଗମାନଙ୍କୁ ଏ ଖବର ଦେଲା । ସାଙ୍ଗମାନେ ଖେଳ ବନ୍ଦ କରି ଧାଇଁଆସିଲେ । ସେମାନେ ଦେଖିଲେ ଯେ ପୁଅଟି

ଯାହା କହୁଛୁ, ତାହା ସତ୍ୟ । ସେମାନେ ରାଗିଗଲେ । ମିଛୁଆ, ଚୋର ବଦମାସ ବୋଲି ଖାଲି ଗାଳିଦେଲେ ନାହିଁ, ତା ଦେହରେ ହାତ ବି ଲଗାଇଲେ । ପୁଅଟି ଶୋଇବାବସ୍ଥାରେ ରନ୍ଧା ଖାଦ୍ୟ ଯେ କୁକୁର ଖାଇଦେଲା, ତାକୁ ସେମାନେ ବିଶ୍ୱାସ କଲେ ନାହିଁ । ପୁଅଟି ପ୍ରଥମ ଥର ପାଇଁ ତା ଜୀବନରେ ଲାଞ୍ଛିତ ଓ ଅପମାନିତ ହେଲା । ସେ ଭାଙ୍ଗିପଡ଼ିଲା । ଯେଉଁ ସାଙ୍ଗମାନଙ୍କ ପାଇଁ ଆଜି ସେ କାଙ୍ଗାଳ, ତାଙ୍କ-ଠାରୁ ଏପରି ପରାଭବ ସେ କେବେହେଲେ କଳ୍ପନା ବି କରିନଥିଲା । ତା'ର ମୁଣ୍ଡ ନଇଁଆସିଲା । ସେ ଭାରାକ୍ରାନ୍ତ ମନରେ ଘରକୁ ଫେରିଲା । କେହି ପଛେ ପଛରୁ ଡାକି ଆହା ବି କହିଲେ ନାହିଁ । ସେ ଘରେ ପଶି ବିଛଣାରେ ପଡ଼ିରହିଲା । ବହୁତ କାନ୍ଦିଲା । ମନେ ମନେ ବାପାଙ୍କୁ ଡାକି ଅଶେଷ ବାର କ୍ଷମା ମାଗିଲା । ଏତିକିବେଳେ ତାର ବାପାଙ୍କର ଶେଷ କଥା ମନେପଡ଼ିଲା । ସେ ଉଠିଲା । ବାପାଙ୍କ କଥା ମାନିବ ବୋଲି ବାହାରିଲା ।

ଘରେ ଚାକର ବାକର ଏବେ ଆଉ ନାହାନ୍ତି । ଦରମା ନ ପାଇବାରୁ ସେ ଯାହାର ବାଟ ଦେଖି ପଳାଇଗଲେ । ଘରେ ସେ ଖାଲି ଏକୁଟିଆ ରହେ । ସେ କବାଟ କଣ୍ଠା ବନ୍ଦ କଲା । ବାପା କହି-ଥିବାନୁସାରେ ଦୁଇଟି ଖୁଣ୍ଟକୁ ସଂଯୋଗ କରୁଥିବା ଦଉଡ଼ିରେ ଝୁଲିଲା । କିନ୍ତୁ ସମସ୍ତ ଭିତରେ ଦୁଇଟି ଯାକ ଖୁଣ୍ଟ ଏକାବେଳକେ ଭାଙ୍ଗିଗଲା । ସେ ନିର୍ମ୍ମମ କଚଡ଼ାଟିଏ ଖାଇଲା । ଯାହାହେଉ ବହୁ କଷ୍ଟରେ ଉଠି ଝାଡ଼ିଝୁଡ଼ି ହେଲା । ସେ ଚାରିଆଡ଼କୁ ଅନାଇଲା । ଦେଖିଲା— ଅଗଣାରେ ସୁନା ରୂପା ବିଚ୍ଛୁରିତ ହୋଇପଡ଼ିଛି । ଖୁଣ୍ଟ ପାଖକୁ ଗଲା । ଯାହା ଦେଖିଲା ତା'ର ଆଖି ଖୋସି ହୋଇଗଲା । ଖୁଣ୍ଟ ଭିତରେ ସୁନା ରୂପା ଭର୍ତ୍ତି ହୋଇଥିଲା । ଏସବୁ ଦେଖି ସେ ଭାବିଲା—ବାପା ତାକୁ ଖୁବ୍ ଭଲ ପାଉଥିଲେ । ତାକୁ ବିପଦ ଆସିବ ବୋଲି ତାଙ୍କର

ଧାରଣା ଥିଲା । ତାଙ୍କର ତ ବୁଦ୍ଧି ବହୁତ । ପ୍ରଖର ବି । ସେଥିପାଇଁ ବିପଦରୁ ସେ କିପରି ଉଦ୍ଧାର ପାଇବ, ତା'ର ବ୍ୟବସ୍ଥା କରିଗଲେ । ଭଲ ମଣିଷ ଭଳି ସେ ଚଳିବା ପାଇଁ ଏ ଧନରତ୍ନ ରଖି ଯାଇଛନ୍ତି । ଏଥର ସେ ଏହାର ସଦୁପଯୋଗ କରିବ । ବାପାଙ୍କ ଉଦ୍ଦେଶ୍ୟରେ ହାତ ଟେକି ସେ ନମସ୍କାର ଜଣାଇଲା ।

ଏଥର ସେ ନୂଆ ଜୀବନ ଆରମ୍ଭ କଲା । ପୂର୍ବ ସାଙ୍ଗ ସାଥିଙ୍କ ପାଖକୁ ଗଲା ନାହିଁ କି ତାଙ୍କୁ ବି ଡାକିଲା ନାହିଁ । ବ୍ୟବସାୟ ପୁଣି ଆରମ୍ଭ କଲା । ପୁରୁଣା ଚାକରଙ୍କୁ ଗୋଟାଇ ଆଣିଲା । ନିଜେ ସବୁ ସମୟ ଦେଇ ବ୍ୟବସାୟ ଦେଖିଲା । ଲାଭ ପ୍ରଚୁର ହେଲା । ଅବସ୍ଥା ତା'ର ବଦଳିଗଲା । ସେ ସୁଖରେ ରହୁଛି । ଭଲରେ ଚଳୁଛି । ଏ ଖବର ସାଙ୍ଗମାନେ ପାଇଲେ । ଏବେ ଜଣକ ପରେ ଜଣେ ତା ପାଖରେ ଆସି ଜୁଟିଲେଣି । ସେମାନେ ତା ପ୍ରତି ଖରାପ ବ୍ୟବହାର ପାଇଁ ଦୁଃଖ ପ୍ରକାଶ କଲେ । କ୍ଷମା ବି ମାଗିଲେ ।

ଏଇ ମଉକାରେ ସେ ଗୋଟିଏ ବଡ଼ ଭୋଜିର ଆୟୋଜନ କଲା । ସବୁ ସାଙ୍ଗମାନଙ୍କୁ ନିମନ୍ତ୍ରଣ ପଠାଇଲା । ସାଙ୍ଗମାନେ ଏହା ଶୁଣି ଭାରି ଖୁସି । ତାକୁ ଆସି ପ୍ରଶଂସା କଲେ । ଭୋଜିଦିନ ଦଳ ବାନ୍ଧି ସମସ୍ତେ ଜୁଟିଗଲେ ।

ମଦ ପରଶା ହେଲା । ମଦ ପିଇ ସମସ୍ତେ ଚୁର୍ । ପୁଅଟି ଏତିକି ବେଳେ ସାଙ୍ଗମାନଙ୍କୁ କହିଲା—"ଭାଇମାନେ, ଏଇ ମୂଲ୍ୟବାନ ପଥରଟିକୁ ଦେଖ । ଆଗରୁ ଏହା ଏଇଠି ଥିଲା । ମୂଷା ଏହାକୁ କାଟି ଦୁ'ଖଣ୍ଡ କରିଦେଲା । କିଛି ବି ଏଥିରୁ ଖାଇଦେଲା ।"

ସାଙ୍ଗମାନେ ତାକୁ ଖୋସାମଦ କରିବାକୁ କହିଲେ—"ହଁ ହଁ, ମୂଷା ବି ପଥର କାଟେ । ଖାଏ ।"

ପୁଅ ରାଗିଗଲା । ସେ କହିଲା—"ମୂଷା ପଥର କାଟି ପାରୁଛି ଆଉ ଖାଇ ପାରୁଛି, ମୋର ଏ କଥା ଯଦି ତମମାନଙ୍କର ବିଶ୍ୱାସ ହେଉଛି, କୁକୁର ଯେ ମାଂସ ଭାତ ଖାଇପାରେ, ଏ କଥାରେ ଅବିଶ୍ୱାସ କରିବାର କ'ଣ ଥିଲା ?"

ସବୁ ସାଙ୍ଗମାନେ ଚୁପ୍ । ଉତ୍ତର ଦେଲେ ନାହିଁ । କ'ଣ ଉତ୍ତର ଦେବେ ଭାବୁଛନ୍ତି । ଏଇ ସମୟରେ ପୁଅ ଇସାରା ଦେଲା । ବାହାରେ ବହୁତ ଲୋକ ଠେଙ୍ଗାବାଡ଼ି ଧରି ଅପେକ୍ଷା କରିଥିଲେ । ପୁଅର ଇସାରା ପାଇ ଧାଇଁ ଆସିଲେ । କିଛି ପଚରାପଚରି କଲେ ନାହିଁ । ସବୁ ସାଙ୍ଗମାନଙ୍କୁ ଝାଙ୍କେ ଛେଚିଲେ ।

ସେଇଦିନୁ ପୁଅ ପୁରୁଣା ସାଙ୍ଗ ମେଳ ଛାଡ଼ିଦେଲା । ବ୍ୟବସାୟରେ ମନ ଦେଲା । ବାହା ବି ହେଲା । ପୁଅ ଝିଅ ହେଲେ । ନିଜର କୁଟୁମ୍ବ ସହ ଆରାମରେ ସେ ରହିଲା । ସାଙ୍ଗ ସାଥି ମେଳଠାରୁ ସେ ଦୂରରେ ନିଜକୁ ରଖୁଥିଲା ।

ବାପାର ସ୍ନେହ ପୁଅ ଉପରୁ କେବେହେଲେ ତୁଟେ ନାହିଁ । ପୁଅ ଭଲରେ ରହୁ, ଏହା ସବୁ ବାପାମାନଙ୍କର ଇଚ୍ଛା । ସେଥିପାଇଁ ସବୁ ପ୍ରକାର ତ୍ୟାଗ ସେମାନେ କରିଥାନ୍ତି । ବାପାର କଥା ପୁଅମାନେ ମାନିବା ଉଚିତ । ଏହା ହିଁ ପୁଅଟିର ଅଭିଜ୍ଞତା ହେଲା ।

ପୁସ୍ତକର ତାଲିକା

୧ ।	ଓଁ [illegible]	ଟ ୪-୦୦
୨ ।	[illegible] (୧)	ଟ [illegible]
୩ ।	[illegible] (୨)	ଟ [illegible]
୪ ।	[illegible] (୧)	ଟ ୨-୦୦
୫ ।	[illegible] (୨)	ଟ [illegible]
୬ ।	[illegible] (୩)	ଟ [illegible]
୭ ।	[illegible] (୪)	ଟ [illegible]
୮ ।	[illegible] (୫)	ଟ [illegible]
୯ ।	[illegible] (୬)	ଟ [illegible]
୧୦ ।	[illegible] (୭)	ଟ [illegible]
୧୧ ।	ଉତ୍ତର ପ୍ରଦେଶ (୧)	ଟ [illegible]
୧୨ ।	ଉତ୍ତର ପ୍ରଦେଶ (୨)	ଟ [illegible]
୧୩ ।	ଉତ୍ତର ପ୍ରଦେଶ (୩)	ଟ [illegible]
୧୪ ।	ଉତ୍ତର ପ୍ରଦେଶ (୪)	ଟ [illegible]
୧୫ ।	ମଧ୍ୟ ପ୍ରଦେଶ (୧)	ଟ [illegible]
୧୬ ।	କାଶ୍ମୀର (୧)	ଟ [illegible]
୧୭ ।	[illegible] (୧)	ଟ [illegible]
୧୮ ।	କାଶ୍ମୀର (୨)	ଟ [illegible]
୧୯ ।	କାଶ୍ମୀର (୩)	ଟ [illegible]
୨୦ ।	[illegible] (୧)	ଟ [illegible]
୨୧ ।	ହିମାଚଳ ପ୍ରଦେଶ (୧)	ଟ [illegible]

ନୀଳକଣ୍ଠେଶ୍ୱର ଶିକ୍ଷା [illegible]

[illegible]

କଟକ-୧